ବର୍ଷ-୨୬, ସଂଖ୍ୟା-୫୭
ଭୁବନେଶ୍ୱର
୨୭, ଫେବୃଆରୀ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 57
Bhubaneswar
27 February, 2026 Friday
Page-08, Rs.: 2.00

RNI Regd. No.: ODIODI2000/03863 Website : www.mahabharataepaper.com

### ଏନସିଇଆରଟି ପାଠ୍ୟ ପୁସ୍ତକ ବିବାଦ

# ସୁପ୍ରିମକୋର୍ଟରେ କ୍ଷମା ମାଗିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୬।୨ : ଏନସିଇଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ଦୁର୍ନୀତିଗ୍ରସ୍ତ ନ୍ୟାୟପାଳିକା ବିଷୟବସ୍ତୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ଯେଉଁମାନେ ଦାୟୀ ଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କେନ୍ଦ୍ର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ

## ଦୁଃଖ ପ୍ରକାଶ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏନସିଇଆରଟିର ପାଠ୍ୟ ପୁସ୍ତକରେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ଯାହା ଉଲ୍ଲେଖ ରହିଛି ତାହା ବିଷୟ ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ । ଏହି ପ୍ରସଙ୍ଗ ଜଣାପଡ଼ିବା ପରେ ତୁରନ୍ତ ସମସ୍ତ ପୁସ୍ତକଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଛି । ସୁପ୍ରିମକୋର୍ଟ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ମାନ୍ୟ ଅଟେ । ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଗାମୀ ଦିନରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଆଜି ସୁପ୍ରିମକୋର୍ଟରେ ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । ଏନସିଇଆରଟି ପୁସ୍ତକକୁ ନେଇ ବିବାଦ ଅଧିକ ଘନେଇବା ପରେ କେନ୍ଦ୍ର ସରକାର ନିଃସର୍ତ୍ତ କ୍ଷମା ମାଗିଛନ୍ତି ।ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ମାମଲାରେ କଡା ଆଭିମୁଖ୍ୟ ଆପଣେଇଛନ୍ତି । ସିଜେଆଇ କହିଛନ୍ତି, ଏମିତି ଲାଗୁଛି ନ୍ୟାୟପାଳିକାକୁ ବଦନାମ କରିବା ପାଇଁ ଏକ ସୁନିୟୋଜିତ ଷଡଯନ୍ତ୍ର ରଚ଼ା ଯାଇଥିଲା । ସିଜେଆଇ ଚେତାବନୀ ଦେଇ କହିଛନ୍ତି ଯେ, ଏହି ମାମଲାରେ କୌଣସି ଦୋଷୀଙ୍କୁ ଛଡାଯିବ ନାହିଁ । ଏହି ଅବହେଳା ଏବଂ ବେପରୁଆ ପାଇଁ ଦାୟୀ ଲୋକଙ୍କୁ ସଜା ମିଳିବ ।




ଏନସିଇଆରଟି ନିକଟରେ ଅଷ୍ଟମ ଶ୍ରେଣୀ ପାଇଁ ନୂଆ ପାଠ୍ୟକ୍ରମ ଜାରି କରିଛି । ଏଥିରେ ଅଦାଲତରେ ଦୁର୍ନୀତି ପରି ପ୍ରସଙ୍ଗକୁ ନେଇ ନୂଆ ଅଧ୍ୟାୟ ଯୋଡା ଯାଇଥିଲା । ସାମାଜିକ ବିଜ୍ଞାନର ନୂଆ ପାଠ୍ୟ ପୁସ୍ତକରେ କୁହାଯାଇଛି ଯେ, ଦୁର୍ନୀତି, ପଡି ରହୁଥିବା ମାମଲା ଏବଂ ବିଚ଼ାରପତିଙ୍କ ଅଭାବ ନ୍ୟାୟିକ ପ୍ରଣାଳୀ ସାମ୍ନାରେ ଏକ ବଡ ଆହ୍ୱାନ । ନୂଆ ପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ନାମକ ଖଣ୍ଡରେ କୁହାଯାଇଛି ଯେ, ବିଚଗଡ଼ାରପତି ଏକ ଆଚ଼ାର ସଂହିତାରେ ବାନ୍ଧି ହୋଇ ରହିଥାନ୍ତି । ଏହା କେବଳ ଅଦାଲତ ଭିତରେ ନୁହେଁ ବରଂ ଅଦାଲତ ବାହାରେ ମଧ୍ୟ ଉକ୍ତ ଆଚ଼ାର ସଂହିତା ବିଚ଼ାରପତିଙ୍କୁ ନିୟନ୍ତ୍ରିତ କରିଥାଏ । ଏପରିକି ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଲୋକଙ୍କୁ ଦୁର୍ନୀତିର ସାମ୍ନା କରିବାକୁ ପଡିଥାଏ । ଗରିବ ଏବଂ ବଞ୍ଚିତ ବ୍ୟକ୍ତିଙ୍କୁ ନ୍ୟାୟ ପର୍ଯ୍ୟନ୍ତ ପହଞ୍ଚିବା ମୁସ୍କିଲ ହୋଇଥାଏ ।

# ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର



ଜାମସେଦପୁର, ୨୬।୨ (ମହାଭାରତ): ଝାଡଖଣ୍ଡ ଜାମସେଦପୁର ଠାରେ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ସମ୍ପନ୍ନ ହୋଇଛି ।

ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଚ଼ାରିଟେବୁଲ୍ ସେଣ୍ଟର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବ ନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚ଼ୟକୁ ଏକ ନୂତନ ଦିଶା ପ୍ରଦାନ କରିବ ।ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଏବଂ ତାଙ୍କର ଉପାସନା ଆମକୁ କରୁଣା, ଓ ଲୋକମଙ୍ଗଳର ଶାଶ୍ୱତ ସନ୍ଦେଶ ଦେଇଥାଏ । ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି । ଶ୍ରୀ ପ୍ରଧାନ ସମସ୍ତ ଝାଡ଼ଖଣ୍ଡବାସୀ ଏବଂ ଜଗନ୍ନାଥ ଅନୁଯାୟୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମାଜରେ ସମାନତା ଓ ଭାଇଚ଼ାରା ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମାନ୍ୟବର ରାଜ୍ୟପାଳ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# ଭାରତ-ଇସ୍ରାଏଲ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨୬।୨ (ମହାଭାରତ): ଇସ୍ରାଏଲ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ କଥା ହେବା ପରେ ଅନେକ ବଡ଼ ବଡ଼ ଘୋଷଣା କରିଛନ୍ତି । ଏଥିରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଅନ୍ତିମ ରୂପ ଦେବା, ଡିଫେନ୍ସ ଡିଲ୍ ଓ ଟେକ୍ନୋଲଜି ଟ୍ରାନ୍ସଫର ଆଦି ଅନ୍ତର୍ଭୁକ୍ତ । ପିଏମ୍ ମୋଦି



କହିଛନ୍ତି ଯେ, ଭାରତ ଓ ଇସ୍ରାଏଲ ମଧ୍ୟରେ ଖୁବ୍ ଶୀଘ୍ର ମୁକ୍ତ ବାଣିଜ୍ୟ ଚୁକ୍ତି (ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ)କୁ ଅନ୍ତିମ ରୂପ ଦିଆଯିବ,ଯାହାକି ଦୁଇ ଦେଶ ପାଇଁ ଫଳପ୍ରଦ ହେବ । ନିକଟରେ ଭାରତ ୟୁରୋପୀୟ ୟୁନିୟନ ଓ ଆମେରିକା ସହ ଏଫଟିଏର ଚୁକ୍ତି କରିଛି । ପିଏମ୍ ମୋଦି କହିଛନ୍ତି , ଇସ୍ରାଏଲ ସହ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ବିକାଶ ,ଉତ୍ପାଦନ ଓ ଟେକ୍ନୋଲଜି ଟ୍ରାନ୍ସଫରର ଦିଗରେ ଆଗକୁ ବଢ଼ିବ ।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ଏକ ଜଏଣ୍ଟ ପ୍ରେସ୍ ବ୍ରିଫିଂକୁ ସମ୍ବୋଧିତ କରି , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତନ୍ୟାହୁଙ୍କୁ ତାଙ୍କର ଓ ତାଙ୍କ ଡେଲିଗେସନଙ୍କର ଖୁବ୍ ଆଡ଼ମ୍ବରପୂର୍ଣ୍ଣ ସ୍ୱାଗତ ପାଇଁ ଧନ୍ୟବାଦ ଦେଇଥିଲେ । ନେସେଟ୍ ମେଡଲର ସ୍ପିକରର ପୁରସ୍କାର ମିଳିବାର ଉଲ୍ଲେଖ କରି , ପିଏମ୍ ମୋଦି କହିଥିଲେ ଯେ, ସେ ଏହି ସମ୍ମାନ ୧୪୦ କୋଟି ଭାରତୀୟ ଏବଂ ଭାରତ ଓ ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ବନ୍ଧୁତାକୁ ସମର୍ପିତ କରୁଛି । ସେ କହିଥିଲେ , ଆମର ସଂପର୍କ ଗଭୀର ଭରସା , ପାରସ୍ପରିକ ଡେମୋକ୍ରେଟିକ ମୂଲ୍ୟବୋଧର ଦୃଢ ମୂଳଦୁଆ ଉପରେ ତିଆରି ... ଆମର ସଂପର୍କ ସମୟ ସହ ଅତୁଟ ରହିଛି । ଆଜି ଆମେ ଆମର ପାର୍ଟନରସିପ୍କୁ ସ୍ପେଶାଲ ଷ୍ଟ୍ରାଟେଜିକ ପାର୍ଟନରସିପ୍ର ମାନ୍ୟତା ଦେବାର ଏକ ଐତିହାସିକ ନିଷ୍ପତ୍ତି ନେଇଛୁ । ଏହି ନିଷ୍ପତ୍ତି ଉଭୟ ଦେଶର ଭିଜନକୁ ଦର୍ଶାଇ ଥାଏ । ଆଉ ମଧ୍ୟ ଅଭିଭାଷଣ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ,ସାରା ଦୁନିଆକୁ ବଦଳାଇବାକୁ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ । ଇସ୍ରାଏଲର କୃଷି ପ୍ରଣାଳୀ ଆଜି ଆମ ଦେଶର ଗ୍ରାମାଞ୍ଚଳରେ ପହଞ୍ଚିଛି । ଇସ୍ରାଏଲ୍ର ବୈଷୟିକ କୌଶଳ ଭାରତୀୟ କୃଷକଙ୍କୁ ନୂଆ ରାସ୍ତା ଦେଖାଇବ । ୧୦୦ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପାଇଁ ଭାରତ-ଇସ୍ରାଏଲ୍ ସହମତି ପ୍ରକାଶ କରିଛନ୍ତି । ଏହାସହ ମୋଦି କହିଛନ୍ତି କୌଣସି ପରିସ୍ଥିତିରେ ଆତଙ୍କବାଦକୁ ସ୍ୱୀକାର କରାଯାଇ ପାରିବ ନାହିଁ ।ଆତଙ୍କବାଦ ବିରୋଧରେ ମିଳିତ ଲଢେଇ ଜାରି ରହିଛି, ଆଗକୁ ବି ରହିବ ।ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ନେଇ ଉଦ୍ୟମ ଜାରି ରହିବ । ଦୁଇ ଦେଶ ମଧ୍ୟରେ ୧୬ ଟି ଚୁକ୍ତି, ୧୧ ଟି ଘୋଷଣାନାମା ସ୍ୱାକ୍ଷରିତ ହୋଇଛି ।

# ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ

ଭୁବନେଶ୍ୱର, ୨୬।୦୨ (ମହାଭାରତ): ନୂଆଦିଲ୍ଲୀରେ ଓଡ଼ିଶା ଭବନର ନୂତନ ବିଲ୍ଡିଂ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ । ଏହି ନୂତନ ଭବନର ନିର୍ମାଣ ଶୈଳୀରେ ପ୍ରତିଫଳିତ ହେବ ଓଡିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ । ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ । ଏଥିରେ ୩ଟି ବେସ୍‌ମେଣ୍ଟ,

## ୦୯୩.୨୭ କୋଟି ଟଙ୍କା ବ୍ୟୟ ହେବ

## ୦୩ ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ ମହଲା ରହିବ




ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ । ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ । ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ । ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି । ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ । ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ । ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି । ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ । ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡିଶା ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚ଼ିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ମାର୍ଚ୍ଚ ୨ରେ ଶ୍ରୀମନ୍ଦିର ପରିଚ଼ାଳନା କମିଟି ବୈଠକ

ପୁରୀ, ୨୬।୨ (ମହାଭାରତ): ଆସନ୍ତା ମାର୍ଚ୍ଚ ୨ ତାରିଖ ସୋମବାର ଶ୍ରୀମନ୍ଦିର ପରିଚ଼ାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ । ଏହି ବୈଠକରେ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି ଙ୍କ ସହିତ ପରିଚ଼ାଳନା କମିଟି ସଦସ୍ୟ ମାନେ ବୈଠକରେ ଭାଗ ନେବେ । ତେବେ ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହୋଇଥିବାବେଳେ ତାରିଖ ଓ ଶୁଭ ବେଳା ସ୍ଥିର କରାଯିବ । ଏଥିସହ ଗୁଣ୍ଡିଚ଼ା ମନ୍ଦିର କେବେ ଖୋଲିବ ତାହା ମଧ୍ୟ ଚୂଡାନ୍ତ ହେବ । ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୂଳ ସମ୍ପର୍କରେ ମଧ୍ୟ ଆଲୋଚ଼ନା ହେବ । ମହାପ୍ରଭୁଙ୍କୁ ନୂତନ ରତ୍ନ ପଲଙ୍କ ସେଟ୍ କେବେ ବ୍ୟବହାର ହେବ ସେନେଇ ଆଲୋଚ଼ନା ହେବ । ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ ଓ ସେବକଙ୍କ ମୋବାଇଲ ଫୋନ୍ ବାରଣ, ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ମଧ୍ୟ ହେବ ଆଲୋଚ଼ନା । ନାଟମଣ୍ଡପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚ଼ନା ହେବ ବୋଲି ସୂଚ଼ନା ମିଳିଛି ।

### ଆତ୍ମସମର୍ପଣ ପୂର୍ବରୁ....

# ଲାଲ୍‌ବାହିନୀରେ ଡେପୁଟି କମାଣ୍ଡରଙ୍କୁ ହତ୍ୟା

ଫୁଲବାଣୀ/ବାଲିଗୁଡା/ଦାରିଙ୍ଗବାଡି, ୨୬/୦୨ (ମହାଭାରତ): ମାଓ ସଙ୍ଗଠନ କେକେବିଏନ୍ (କନ୍ଧମାଳ, କୋରାପୁଟ, ବୌଦ୍ଧ ଓ ନୟାଗଡ)ର ଡେପୁଟି ପ୍ଲାଟୁନ କମାଣ୍ଡର ଅନ୍‌ଵେଷଙ୍କୁ ହତ୍ୟା । ସହଯୋଗୀମାନେ ତାଙ୍କୁ ହତ୍ୟା କରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟସ୍ଥ ପକାରୀ ସଂରକ୍ଷିତ ଜଙ୍ଗଲରେ ପୋତି ଦେଇଥିଲେ । ସେଠାରୁ ପୁଲିସ ଉଦ୍ଧାର କରିଛି ତାଙ୍କର ଗଳିତ ମୃତଦେହ । ତାଙ୍କୁ ସହଯୋଗୀ ଶୁକ୍ରୁ ଓ ଅନ୍ୟମାନେ ମିଶି ହତ୍ୟା କରିଥିବା ତଦନ୍ତରୁ ଜଣା ପଡିଥିବା ପ୍ରକାଶ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ ବି.ସି । ତେବେ ଅନ୍‌ଵେଷ ଆତ୍ମସମର୍ପଣ କରିବା ପାଇଁ ଚ଼ାହୁଁଥିବା ଜାଣିଲା ପରେ ତାଙ୍କ ମୁଣ୍ଡ ଗଡିଛି ବୋଲି ସୂଚ଼ନା ମିଳିଛି ।

କନ୍ଧମାଳ ପୁଲିସ ପକ୍ଷରୁ ଘନଘନ କମ୍ବିଂ ଅପରେସନ ସହିତ ଗୋଟିଏ ପରେ ଗୋଟିଏ ସଫଳତା ଯୋଗୁଁ ଲାଲ୍‌ବାହିନୀକୁ ଝଟକା ଲାଗିଛି । ଇତି ମଧ୍ୟରେ ଅନେକ ଟପ୍ କ୍ୟାଡରଙ୍କ ମୃତ୍ୟୁ ଓ ଆତ୍ମସମର୍ପଣ ମାଓ ସଙ୍ଗଠନକୁ କ୍ରମାଗତ ଦୁର୍ବଳ କରି ଚ଼ାଲିଛି । ନିକଟରେ ନିଖିଲ ଓ ଇନ୍ଦୁ ରାୟଗଡା ପୁଲିସ ପାଖରେ ଏବଂ ଅନ୍ୟତମ ପ୍ରମୁଖ ସଙ୍ଗଠକ ମମତା ଛତିଶଗଡ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ସଙ୍ଗଠନର ଅଣ୍ଟା ଦୋହଲେଇ ଦେଇଛି । ଅପରପକ୍ଷରେ, ସାମ୍ପ୍ରତିକ ପରିସ୍ଥିତି ଲାଲବାହିନୀରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ମଧ୍ୟ ସ୍ପଷ୍ଟ ହୋଇଛି । ରାଜ୍ୟ ପୁଲିସ ସହିତ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ଆହ୍ୱାନ ଯୋଗୁଁ ଅନେକ ସଦସ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କିନ୍ତୁ ଏହାକୁ ନେଇ ସଙ୍ଗଠନ ଭିତରେ ମତାନ୍ତର ସୃଷ୍ଟି ହେଉଛି ।

ଏହାହିଁ ଅନ୍‌ଵେଷଙ୍କ ହତ୍ୟାର କାରଣ ବୋଲି ସ୍ପଷ୍ଟ କରିଛନ୍ତି ଏସ୍‌ପି । ତାଙ୍କ ସୂଚ଼ନା ଅନୁଯାୟୀ, ଅନ୍‌ଵେଷ କେକେବିଏନ୍‌ର ଅଷ୍ଟମ କମ୍ପାନୀରେ ଡେପୁଟି ପ୍ଲାଟୁନ କମାଣ୍ଡର ଥିଲେ । ନିକଟରେ ତାଙ୍କ ମୁଣ୍ଡ ଉପରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ରାଜ୍ୟ ସରକାର । ପୁଲିସର ଲଗାତାର ମାଓ ବିରୋଧୀ ଅଭିଯାନ ସାଙ୍ଗକୁ ସଙ୍ଗଠନର ଟପ୍ କ୍ୟାଡର ଓ ସହଯୋଗୀ ମୃତ୍ୟୁମୁଖରେ ପଡିବା ଏବଂ ଆତ୍ମସମର୍ପଣ କରିବା ପରେ ଅନ୍‌ଵେଷ ମଧ୍ୟ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ୧୪ ଜଣ ସହଯୋଗୀଙ୍କ ସମେତ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ଯୋଜନା ରହିଥିଲା । କିନ୍ତୁ ତାଙ୍କର ଏହି ପଦକ୍ଷେପକୁ ବିରୋଧ କରିଥିଲେ ସଙ୍ଗଠନର ଅନ୍ୟତମ ଟପ୍ କ୍ୟାଡର ଶୁକ୍ରୁ । ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମତାନ୍ତର ହୋଇଥିଲା । ଏତେ ସଂଖ୍ୟାରେ ସାଥୀ ସଙ୍ଗଠନ ଛାଡିଲେ କନ୍ଧମାଳ ଜିଲ୍ଲାରେ ଲାଲ୍‌ବାହିନୀର ମେରୁଦଣ୍ଡ ଭାଙ୍ଗିଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା । ଗତ ଜାନୁଆରୀ ୨୯ରେ ଶୁକ୍ରୁ ଓ ତାଙ୍କ ସହଯୋଗୀ ଅନ୍‌ଵେଷଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ପକାରୀ ସଂରକ୍ଷିତ ଜଙ୍ଗଲରେ ପୋତି ଦେଇଥିଲେ । ପୁଲିସ ନିକଟରେ ଏ ନେଇ ଆଭାସ ଥିଲେ ମଧ୍ୟ ମୃତଦେହ ଠାବ ହୋଇ ପାରି ନଥିଲା ।

## ଦୁଇ ନକ୍ସଲ ନିପାତ

ଛତିଶଗଡ଼: ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗୁରୁବାର ସକାଳେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ହୋଇଥିବା ଏନକାଉଂଟରରେ ଦୁଇ ନକ୍ସଲ ନିହତ ହୋଇଛନ୍ତି । ବିଜାପୁର ଜିଲ୍ଲା ପୋଲିସ ଅଧିକ୍ଷକ ଜିତେନ୍ଦ୍ର ଯାଦବ ଏହା ନିଶ୍ଚିତ କରିଛନ୍ତି । ଏନକାଉଂଟର ସ୍ଥଳରୁ ଦୁଇ ନକ୍ସଲଙ୍କ ମୃତଦେହ ସହିତ ଏସଏଲଆର ଏବଂ ଇନ୍ସାସ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି । ପୋଲିସ ଅଧିକାରୀ କହିଛନ୍ତି ଯେ ବିଜାପୁର ଜିଲ୍ଲାର ଜଙ୍ଗଲା ଥାନା ଅଂଚଳର ଇନ୍ଦ୍ରାବତୀ ନଦୀ କୂଳରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ, ଏକ ମିଳିତ ସୁରକ୍ଷା ବାହିନୀ ଦଳ ସନ୍ଧାନ ଏବଂ ମାଓ ବିରୋଧୀ ଅଭିଯାନ ପାଇଁ ବାହାରିଥିଲା ।

ଆଜି ସକାଳେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏକ ଏନକାଉଂଟର ହୋଇଥିଲା । ଏନକାଉଂଟର ପରେ, ଅଂଚଳରେ ଏକ ସର୍ଚ୍ଚ ଅପରେସନରେ ଦୁଇ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ ଏକ ଏସଏଲଆର ରାଇଫଲ୍, ଏକ ଇନସାସ ରାଇଫଲ୍, ଏକ ୧୨-ବୋର ରାଇଫଲ୍, ବିସ୍ଫୋରକ ଏବଂ ମାଓବାଦୀଙ୍କ ଦ୍ୱାରା ଦୈନନ୍ଦିନ ବ୍ୟବହାରର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା ।

## ସିକିମରେ ୪.୬ ତୀବ୍ରତାର ଭୂମିକମ୍ପ

ଗାଙ୍ଗଟକ୍, ୨୬।୨ (ମହାଭାରତ) : ଗୁରୁବାର ସକାଳେ ସିକିମରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ପଶ୍ଚିମ ସିକିମର ଗେଜିଂରେ ଥିଲା ଏବଂ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୬ ରେକର୍ଡ କରାଯାଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନସିଏସ) ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୧ଟା ୩୪ ମିନିଟ୍ ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ପଶ୍ଚିମ ସିକିମର ଗେଜିଂ ଜିଲ୍ଲାରେ ଥିଲା, ଯାହା ଭୂମିଠାରୁ ପ୍ରାୟ ୧୦ କିଲୋମିଟର ତଳେ ଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୬ ରେକର୍ଡ କରାଯାଇଛି ।ଖବର ଲେଖାଯିବା ପର୍ଯ୍ୟନ୍ତ, ଭୂମିକମ୍ପରେ ଧନଜୀବନ ହାନୀ ନେଇ କୌଣସି ରିପୋର୍ଟ ମିଳିନାହିଁ । ସିକିମର ପୂର୍ବ ଜିଲ୍ଲାଗୁଡ଼ିକ ସହିତ ଉତର ବଙ୍ଗ ଏବଂ ପଡ଼ୋଶୀ ନେପାଳରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି ।

# ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ବଡ଼ ସଫଳତା

## ୨୨୫ କୋଟିର ଗଞ୍ଜେଇ ତେଲ ଓ ୫ କୋଟି ଟଙ୍କାର ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୬।୨ (ମହାଭାରତ) : ଆଜି କୋରାପୁଟ ଜିଲ୍ଲା ପୋଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଞ୍ଚଳରେ ଚ଼ାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍‌ଚ଼ରିଂ ୟୁନିଟ୍ ଉପରେ ଚ଼ଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ ବା ଗଞ୍ଜେଇ ତେଲ ଜବତ କରାଯାଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସେହିପରି ଅନ୍ୟଏକ ଚ଼ଢ଼ଉରେ ୫ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ଡିଆଇଜି (ଦକ୍ଷିଣାଞ୍ଚଳ)ଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୋଜନାବଦ୍ଧ ଚ଼ଢ଼ାଉ କରାଯାଇଥିଲା । ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଞ୍ଚଳରେ ଚ଼ାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍‌ଚ଼ରିଂ ୟୁନିଟ୍ ଉପରେ ଚ଼ଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ ବା ଗଞ୍ଜେଇ ତେଲ ଜବତ କରାଯାଇଛି । ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।ଅଭିଯାନ ସମୟରେ ହାଶିଶ ତେଲ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଉପକରଣ ମଧ୍ୟ ଜବତ କରାଯାଇଛି । ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ଚ଼ଢଉ ଜାରି ରହିଛି । ସେହିପରି ଅନ୍ୟ ଏକ ଅଭିଯାନରେ ନନ୍ଦପୁର ଥାନା ପୋଲିସ ୧୧୪୩ କେ.ଜି. ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ ।



୨ଟି ମହିନ୍ଦ୍ରା ପିକଅପ୍ ଗାଡ଼ିରେ ଚୋରା ଚ଼ାଲାଣ ହେଉଥିବା ସମ୍ପର୍କରେ ସୂଚ଼ନା ପାଇ ପୋଲିସ ଚ଼ଢ଼ାଉ କରିଥିଲା । ଗିରଫ ହୋଇଥିବା ୨ ଜଣ ବ୍ୟକ୍ତି କୋରାପୁଟ ଜିଲ୍ଲାର ସେମିଳିଗୁଡା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୨ ଜଣ ହରିୟାଣାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ମାମଲାର ତଦନ୍ତ ଜାରି ରହିଛି । ୧ ଲିଟର ହାଶିଶ ତେଲର ବଜାର ମୂଲ୍ୟ ପ୍ରାୟ ୧ କେଜି ଗଞ୍ଜେଇ ମୂଲ୍ୟଠାରୁ ପ୍ରାୟ ୨୫ ଗୁଣ ଅଧିକ ଥିବାରୁ ଅପରାଧୀମାନେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଏହା ପ୍ରସ୍ତୁତ କରୁଛନ୍ତି ।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



..... ଖବର .......

# ବିବାହ ବନ୍ଧନରେ ବାନ୍ଧି ହେଲେ ବିଜୟ-ରଶ୍ମିକା




ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି କପଲ ଉଦୟପୁରରେ ଦକ୍ଷିଣ ଭାରତୀୟ ରୀତିନୀତି ଅନୁସାରେ ସାତ ଜନ୍ମର ସାଥୀ ହୋଇଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ବିବାହ ପରେ ସେମାନଙ୍କ ନିକଟତମ ବନ୍ଧୁମାନେ ମିଠା ବାଣ୍ଟୁଥିବାର ଦେଖାଯାଉଛି। ପ୍ରଶଂସକମାନେ ରଶ୍ମିକା ଏବଂ ବିଜୟଙ୍କ ବିବାହକୁ ଉତ୍ସାହର ସହିତ ଅପେକ୍ଷା କରିଥିଲେ, ଏବଂ ଏବେ ଶେଷରେ ଅପେକ୍ଷାର ଅନ୍ତ ଘଟିଛି। ତଥାପି, ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମଣ୍ଡାଓା ଏପର୍ଯ୍ୟନ୍ତ ସୋସିଆଲ ମିଡିଆରେ କୌଣସି ପୋଷ୍ଟ ଶେୟାର କରିନାହାଁନ୍ତି।ବିଜୟ ଏବଂ ରଶ୍ମିକା ତେଲୁଗୁ ରୀତିନୀତି ଅନୁସାରେ ବିବାହ କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ତେଲୁଗୁ ରୀତିନୀତି ପାଇଁ ଶୁଭ ସମୟ ସକାଳ ୮ଟା ଥିଲା, ତା'ପରେ ସେମାନେ ବିବାହ କରିଥିଲେ। ଦ୍ୱିତୀୟ ରୀତିନୀତି, କୋଡାଭା ପାଇଁ ଶୁଭ ସମୟ ବର୍ତ୍ତମାନ ଅପରାହ୍ନ ୪ଟା। ସୋସିଆଲ ମିଡିଆରେ ଏକ ଭିଡିଓ ଏବେ ଭାଇରାଲ ହେଉଛି, ଯେଉଁଥିରେ ରଶ୍ମିକା ଏବଂ ବିଜୟଙ୍କ ନିକଟତମ ବନ୍ଧୁମାନେ ଉଦୟପୁରର ସ୍ଥାନ ବାହାରେ ଗଣମାଧ୍ୟମକୁ ମିଠା ବାଣ୍ଟୁଥିବା ଦେଖାଯାଉଛି।

## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



# ଶରୀର ପାଇଁ ଉପକାରୀ 'ବୁଲେଟ୍ କଫି'

- କିଛି ଲୋକଙ୍କ ପାଚନ କ୍ରିୟାକୁ କଫି ଖରାପ କରିଥାଏ । ଖାଲି ପେଟରେ କଫି ପିଇଲେ ପେଟରେ ଥିବା ଏନଜାଇମ୍ ବିଶୃଙ୍ଖଳିତ ହୋଇଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥାଏ । କିନ୍ତୁ ଏହି ସମସ୍ୟା ଥିବା ବ୍ୟକ୍ତି କଫିରେ ଘିଅ ମିଶାଇ ପିଇଲେ କୌଣସି ଅସୁବିଧା ହୋଇନଥାଏ । ଘିଅ ଏସିଡିଟିକୁ କମ୍ କରିଥାଏ। ଏଥିରେ ଥିବା ବ୍ୟୁଟିରିକ୍ ଏସିଡ୍ ଓ ଓମେଗା-୩ ଫ୍ୟାଟି ଏସିଡ୍ ଖାଦ୍ୟନଳୀ ଓ ମେଟାବୋଲିଜିମ୍ ପାଇଁ ବହୁତ ଭଲ ।



- ଓଜନ କମ୍ କରିବା ପାଇଁ ଫ୍ୟାଟଜାତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ଛାଡିବା ଉଚିତ୍ ନୁହେଁ । ତେଣୁ ସ୍ମାର୍ଟ ଉପାୟରେ ଫ୍ୟାଟ ଗ୍ରହଣ କରିପାରିବେ,ଯେମିତିକି ଏହା ଓଜନ ବଢାଇବା ନାହିଁ । ତେଣୁ କଫିରେ ଘିଅ ମିଶାଇ ପିଅନ୍ତୁ । ଘିଅରେ ଫ୍ୟାଟ୍ ରହିଥିବାରୁ କମ୍ ଭୋକ ହୋଇଥାଏ । ତେଣୁ ଖାଇବାକୁ ଇଚ୍ଛା ହୁଏ ନାହିଁ। ଏହାଦ୍ୱାରା ଆପଣଙ୍କ ଓଜନ କମ୍ ହୋଇଥାଏ ।
- ଯଦି ସକାଳେ ଆପଣ କେବଳ କଫି ପିଉଛନ୍ତି,ତେବେ ମନେ ରଖନ୍ତୁ ଆପଣ କେବଳ କ୍ୟାଲୋରୀ ହିଁ ନେଉଛନ୍ତି । ଏଥିପାଇଁ କଫିରେ ଘିଅ ମିଶାଇ ପିଅନ୍ତି । ଏହା ଆପଣଙ୍କ ପାଚନ କ୍ରିୟା ପାଇଁ ଭଲ ଏବଂ ଏହାଦ୍ୱାରା ଆପଣଙ୍କ ଶରୀରକୁ ଶକ୍ତି ମଧ୍ୟ ମିଳିଥାଏ ।
- ଘିଅରେ ଥିବା ଫ୍ୟାଟ ମସ୍ତିଷ୍କ ପାଇଁ ଭାରି ଭଲ। କଫିରେ ଘିଅ ମିଶାଇ ପିଇଲେ ମୁଡ୍ ଠିକ୍ ରଖୁଥିବା ହରମୋନ୍ ରିଲିଜ୍ ହୋଇଥାଏ । ଫଳରେ ମନ ବି ଶାନ୍ତ ରହେ ।

## ସ୍ୱାସ୍ଥ୍ୟ ପାଇଁ ହିତକର ନାଳି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଳି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଳି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଳି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଳି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଳି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ ସାହାଯ୍ୟ କରିଥାଏ। ନାଳି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଳି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଳି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍‌ଛୁକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଳି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

# ଭଗବାନ ବିଷ୍ଣୁ ଶେଷ ନାଗ ଉପରେ ଶୟନ କରିବା ପଛର କାରଣ



ଭଗବାନ ଶ୍ରୀହରି ବିଷ୍ଣୁ କ୍ଷୀର ସାଗରରେ ଶେଷନାଗ ବା ସର୍ପ ଉପରେ ଶୟନ କରିଥାନ୍ତି। ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଶ୍ରୀବିଷ୍ଣୁ ଜଗତର ପାଳନ କର୍ତ୍ତା। ପ୍ରଭୁ ନାରାୟଣ ଉପଯୁକ୍ତ ସମୟରେ ମାନବ ଜାତିର ମାର୍ଗ ଦର୍ଶନ କରିଥାନ୍ତି। ଶାସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ସ୍ୱରୂପକୁ ଶାନ୍ତ, ଆନନ୍ଦମୟୀ ତଥା କୋମଳ କୁହାଯାଇଥାଏ। ଭଗବାନ ବିଷ୍ଣୁ ଶେଷନାଗ ଉପରେ ଆନନ୍ଦ ମୁଦ୍ରାରେ ଶୟନ କରିଥାନ୍ତି। ଭଗବାନଙ୍କର ଏହି ସ୍ୱରୂପକୁ ଲକ୍ଷ୍ୟରେ ରଖି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି 'ଶାନ୍ତାକାରଂ ଭୁଜଙ୍ଗଶୟନଂ' ଏହାର ଅର୍ଥ ଶାନ୍ତ ସ୍ୱରୂପ ତଥା ଭୁଜଙ୍ଗ ବା ଶେଷନାଗ ଉପରେ ଶୟନ କରୁଥିବା ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ। ଭଗବାନଙ୍କର ଏହି ସ୍ୱରୂପକୁ ଦେଖିଲା ପରେ ମନକୁ ପ୍ରଶ୍ନ ଆସିଥାଏ, କିପରି କାଳର ଛାୟାରେ ରହି ମଧ ଶେଷନାଗ ଉପରେ ଶୟନ କରିଛନ୍ତି ପ୍ରଭୁ । ହିନ୍ଦୁ ଧର୍ମ ଅନୁସାରେ ଶେଷନାଗ ଭଗବାନ ବିଷ୍ଣୁଙ୍କ ଶକ୍ତିର ପ୍ରତୀକ। ବାସ୍ତବରେ ମାନବ ଜୀବନର ପ୍ରତ୍ୟେକ ସମୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସହିତ ଜଡ଼ିତ, ଯାହା ପାରିବାରିକ, ସାମାଜିକ ଏବଂ ଆର୍ଥିକ ଦାୟିତ୍ୱ ସହିତ ଜଡ଼ିତ ରହିଛି। କିନ୍ତୁ ଏହି ସବୁ ଦାୟିତ୍ୱ ପୂରା କରିବା ସହିତ ଅନେକ ସମସ୍ୟା ମଧ ଆସିଥାଏ, ଯାହା କାଳ ରୂପୀ ନାଗ ଭଳି ହୋଇଥାଏ। କିଛି ସମୟରେ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ ବିଷ୍ଣୁ ଶାନ୍ତ ସ୍ୱରୂପ ଧୈର୍ଯ୍ୟ ଦେବା ସହିତ ଜୀବନର ସବୁ କଷ୍ଟକୁ ଦୂର କରିବାର ପ୍ରେରଣା ଦେଇଥାଏ। ହିନ୍ଦୁ ପୌରାଣିକ କଥା ଅନୁସାରେ ଶେଷନାଗ ନିଜର କୁଣ୍ଡଳୀରେ ସମସ୍ତ ଗ୍ରହକୁ ଧରି ରଖିଥାନ୍ତି ଏବଂ ଭଗବାନ ବିଷ୍ଣୁଙ୍କର ମନ୍ତ୍ର ଉଚ୍ଚାରଣ କରିଥାନ୍ତି। ଯଦି ଭଗବାନ ବିଷ୍ଣୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ଗ୍ରହ ଏବଂ ତାରାମାନଙ୍କର ପ୍ରତୀକ ଅଟନ୍ତି ତେବେ ବାସ୍ତବରେ ଏହାର ମହତ୍ୱ ସଠିକ୍। ଭଗବାନ ବିଷ୍ଣୁ ଏବଂ ଶେଷନାଗଙ୍କ ମଧରେ ସମ୍ବନ୍ଧ ଶାଶ୍ୱତ। ପୁରାଣରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କର ଅନନ୍ତଶୟନ ରୂପ ହେଉଛି ସମୟର ମାର୍ଗ ଦର୍ଶକ। ଖରାପ ଶକ୍ତିକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟେକ ଅବତାରରେ ଶେଷନାଗ ଜଡ଼ିତ ଅଛନ୍ତି ଏବଂ ସେ ବିଶ୍ୱକୁ ପାପରୁ ରକ୍ଷା କରିଥିଲେ। ତ୍ରେତୟା ଯୁଗରେ ଶେଷନାଗ ଲକ୍ଷ୍ମଣ ରୂପ ଏବଂ ଦ୍ୱାପର ଯୁଗରେ ବଳରାମଙ୍କ ଅବତାର ଧାରଣ କରିଥିଲେ। ଏହି ଦୁଇ ଜନ୍ମରେ ସେ ଭଗବାନ ରାମ ଏବଂ କୃଷ୍ଣଙ୍କର ସହାୟତା କରିଥିଲେ। ମହାଭାରତ ଆଦିପର୍ବ ଆସ୍ତିକ ଉପପର୍ବର ୩୬ତମ ଅଧ୍ୟାୟ ଶ୍ଳୋକରେ ଉଲ୍ଲେଖ କରାଯାଇଛି, ଭଗବାନ ବ୍ରହ୍ମା ପୃଥିବୀକୁ ନିଜ ଉପରେ ଧାରଣ କରିବା ପାଇଁ ଶେଷନାଗଙ୍କୁ କହିଥିଲେ।

## ଭୋଟ କିଣିବାକୁ ପ୍ରଲୋଭନ

ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତ, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉ□କୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବ□ନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବ□ନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ। ସରକାରଙ୍କୁ ବାଧ୍ୟ ହୋଇ ଲୋକଙ୍କ ଉପରେ ଟିକସ ବଢ଼ାଇବାକୁ ପଡୁଛି। ଏହା ବନ୍ଦ ହେବା ଉଚିତ। ପ୍ରତି ରାଜ୍ୟ ସରକାର ନିଜ ରାଜସ୍ୱର ଅତି କମରେ ୨୫ ପ୍ରତିଶତ ବିକାଶ ପାଇଁ ଖର୍ଚ୍ଚ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏକ ବିକାଶମୁଖୀ ରାଷ୍ଟ୍ରରେ ଏଭଳି ମାଗଣା ଯୋଜନା କଦାପି ଗ୍ରହଣୀୟ ନୁହେଁ।

## ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ


"ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।



॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।


ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


## ଦେଶଦ୍ରୋହ ଅପରାଧ


॥ ଯୁଧିଷ୍ଠିର ମହାରଣା ॥


ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୧୨୪ (କ) ଯାହା ଦେଶଦ୍ରୋହର ସଂଜ୍ଞା ଓ ଏହାକୁ ଉଲଙ୍ଘନ କରୁଥିବା ବ୍ୟକ୍ତି, ନାଗରିକଙ୍କ ପାଇଁ ଦଣ୍ଡବିଧାନ କରିଥାଏ ତାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହେବାସହ ଏହାକୁ ନେଇ ରାଜନୈତିକ ଘମାସାନ ଦୃଶ୍ୟ ଜାତୀୟ ଗଣମାଧ୍ୟର ପ୍ରମୁଖ ଖବର ସ୍ଥାନ ପାଇଛି। ନିକଟରେ ଆଇନ କମିଶନ ଏକ ମନ୍ତବ୍ୟକୁ ନେଇ ଏହି ଚର୍ଚ୍ଚା, ଚର୍ଚ୍ଚିତ କ୍ଷେତ୍ର ପାଇଁ ରାସ୍ତା ତିଆରି କରିଛି। ସରକାରଙ୍କ ସହ ଏକମତ ହୋଇ ଗୋଟିଏ ଧାରାରେ କହିବା ଦେଶାତ୍ମବୋଧ ନୁହେଁ ଦେଶ ମାତୃକାର ପ୍ରତି ସ୍ନେହ, ଶ୍ରଦ୍ଧା, ଆତ୍ମବିଶ୍ୱାସ, ଜ୍ଞାପନ କରିବା ପାଇଁ ଲୋକମାନଙ୍କ ପାଖରେ ସ୍ୱାଧୀନତାର ଆବଶ୍ୟକତା ରହିଛି ନିଶ୍ଚୟ କିନ୍ତୁ ବେଆଇନ ଓ ହିଂସାଦ୍ୱାରା ଯଦି କିଏ ସାଧାରଣ ଜନଜୀବନକୁ ଅଶ୍ୱସ୍ତି କରିବା ସହ ପ୍ରଶାସନକୁ ନାକେଦମ କରିବା ଓ ସରକାରଙ୍କୁ ଫୋପାଡ଼ିବାକୁ ଚାହୁଁଛି ଏ କ୍ଷେତ୍ରରେ ଦେଶଦ୍ରୋହ ମାମଲା ଦାଏର ହେବା ଅତ୍ୟନ୍ତ ଜରୁରୀ। ଏହି ଭଳି ମତପୋଷଣ ସହ ଧାରା ୧୨୪(କ)ର ସଂଶୋଧନ ପାଇଁ ମତ ସୃଷ୍ଟି ହେବା ଦରକାର ବୋଲି ଆଇନ କମିଶନ କହିଛନ୍ତି। ଏ କ୍ଷେତ୍ରରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଦେଶଦ୍ରୋହ ଆଇନ ରହିବା ଉଚିତ ନା ତାହାକୁ ଉଠାଇ ଦିଆଯିବା ଦରକାର। କାରଣ ଏହାର ଅସଲ ମଞ୍ଜି ରହିଛି ସ୍ୱାଧୀନତା ସଂଗ୍ରାମ ବେଳର କଥାକୁ ନେଇ। ସ୍ୱାଧୀନତା ସଂଗ୍ରାମକୁ ରୋକ ଲଗାଇବା ପାଇଁ ବ୍ରିଟିଶ ସରକାର ଯେଉଁ ଦେଶଦ୍ରୋହ ଆଇନ ଆଣିଥିଲେ ତାହା ଦଶ ବର୍ଷ ପୂର୍ବରୁ ଇଂଲଣ୍ଡରୁ ହଟାଇ ଦିଆଯାଇଛି। ୧୯୬୮ରେ ଭାରତର ନ୍ୟାୟ କମିଶନ ଏହି ଆଇନକୁ ଉଚ୍ଛେଦ କରିବାର ଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ୧୯୭୧ର ଏହି ଧାରାକୁ ଆହୁରି କଠୋର କରାଯାଇଥିଲା। ଆସନ୍ତୁ ପ୍ରଥମ ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରିବା। ଭାରତର ସ୍ୱତନ୍ତ୍ରତା, ଅଖଣ୍ଡତା, ତଥା ସାର୍ବଭୌମତ୍ୱ ରକ୍ଷା ପାଇଁ ଆଇପିସି ୧୨୪(ଏ) ଧାରାକୁ ବିଧିବଦ୍ଧ ଭାବେ ଆଇନ ବ୍ୟବସ୍ଥା ଭିତରେ ମଜଭୁତ୍ କରାଯିବା ଦରକାର। ଏହି ଆଇନକୁ ମୌଳିକ ଅଧିକାର ସହ ତୁଳନା କରିବା ଅନୁଚିତ। କାରଣ ଯେକୌଣସି ବ୍ୟକ୍ତି ହେଉନା କାହିଁକି ବ୍ୟକ୍ତିର ଅଧିକାର କେବେ ବି ସେ ଦେଶଠାରୁ ବଡ଼ ନୁହେଁ। ବର୍ତ୍ତମାନ ଜାମ୍ମୁ-କାଶ୍ମୀର ଠାରୁ ମହାରାଷ୍ଟ୍ର, ଗୁଜୁରାଟ ଠାରୁ ଛତିଶଗଡ଼ ତଥା ଦେଶର ଅନ୍ୟ ରାଜ୍ୟରେ ନକ୍ସଲମାନେ ଯେଉଁ ପ୍ରକାର ଅସାମ୍ବିଧାନିକ ଭାବରେ ଜନଜୀବନଙ୍କ କ୍ଷତି କରିବା ସହ ସରକାରଙ୍କ ଜନସାଧାରଣଙ୍କ ନିମିତ୍ତ ପ୍ରକଳ୍ପର ଘୋର ବିରୋଧ କରୁଛନ୍ତି। ହିଂସା ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ କୋଟି କୋଟି ଟଙ୍କାର ବଟି ଆଦାୟ କରି ଏହି ଅର୍ଥ ବିଚ୍ଛିନ୍ନତାବାଦୀ, ଦେଶବିରୋଧି ଚରିତ୍ର ଓ ନକ୍ସଲମାନଙ୍କ ପାଇଁ ଖର୍ଚ୍ଚ କରାଯାଉଛି। ବର୍ତ୍ତମାନ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ରାଜ୍ୟ ସରକାରଙ୍କ ଅନେକ ଜନସ୍ୱାର୍ଥ ସମ୍ବଳିତ ପ୍ରକଳ୍ପ ବାଧାପ୍ରାପ୍ତ ହେବା ସହ କେତେକ ସ୍ଥାନରେ ବିଳମ୍ବିତ ହେଉଛି। ଆଇନଗତ ଭାବେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ସରକାରଙ୍କୁ ଅମାନ୍ୟ କରି ସରକାରୀ ବିରୋଧୀ ମୋର୍ଚ୍ଚା ଗଠନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଅଗ୍ରହଣୀୟ। ଏହାକୁ ମୌଳିକ ଅଧିକାର ବା ବାକ୍ ସ୍ୱାଧୀନତା କୁହାଯାଇପାରିବ କି? ଗୋଟିଏ ଛୋଟିଆ ଉଦାହରଣ ଦିଆଯାଇପାରେ ଜଣକୁ କହିବାର ସ୍ୱାଧୀନତା ସମ୍ବିଧାନ ଦେଇଛି ବୋଲି ଜଣେ କୋର୍ଟ ରୁମ୍‌ରେ ଜଜ୍‌ଙ୍କୁ ଦୁର୍ବ୍ୟବହାର କରିପାରିବ କି? ଲୋକପ୍ରତିନିଧି ହୁଅନ୍ତୁ ବା ସରକାରଙ୍କ ଉଚ୍ଚପଦ ପଦବୀର ପ୍ରଶାସନ। ଏହି ସ୍ୱାଧୀନତା ନାମରେ ସେମାନଙ୍କୁ ବିରୋଧ କରିବା, ଅଶାଳୀନ ମନ୍ତବ୍ୟ ଦେବା ଓ ହିଂସାକାଣ୍ଡ ଘଟାଇବା କେତେଦୂର ପ୍ରାସଙ୍ଗିକ?

ଅନେକ ହୁଏତ ଜାଣିନଥିବେ ସମଗ୍ର ବିଶ୍ୱରେ ଏପରି କୌଣସି ଗଣତାନ୍ତ୍ରିକ ଦେଶ ନାହିଁ ଯାହା ଆମ ଭାରତ ଭଳି ତାହାର ନାଗରିକଙ୍କୁ ପର୍ଯ୍ୟାପ୍ତ ସ୍ୱାଧୀନତା ପ୍ରଦାନ କରିଛି। ଏହି ରାଷ୍ଟ୍ରରେ ପ୍ରତିଟି ନାଗରିକଙ୍କୁ ମୁକ୍ତ ଓ ସ୍ୱାଧୀନ ଭାବରେ ମତ ପ୍ରଦାନ କରିବାର ଅଧିକାର ରହିଛି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ନିଜ ଆଭ୍ୟନ୍ତରୀଣ ଦେଶଦ୍ରୋହୀ ମାନଙ୍କ ବିଭିନ୍ନ ହିଂସାକାଣ୍ଡର ଶିକାର ହୋଇ ଜାତୀୟ ପ୍ରଗତି ବାଧାପ୍ରାପ୍ତ ହେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଉଛି। ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗ୍ରାମୀ ମାନଙ୍କୁ ଦଣ୍ଡ ଦେବା ନିମିତ୍ତ ତତ୍କାଳୀନ ଇଂରେଜ ସରକାର ୧୮୬୧ରୁ ଭାରତୀୟ ପିଙ୍ଗଳକୋର୍ଡରେ ଏହି ବ୍ୟବସ୍ଥା କରିଥିଲେ। ଏହି ଆଇନ ଦ୍ୱାରା ଜାତିର ଜନକ ମହାତ୍ମାଗାନ୍ଧୀ, ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭଳି ଶହ ଶହ ନେତା କାରାରୁଦ୍ଧ ହୋଇଥିଲେ। ନିକଟରେ ମହାରାଷ୍ଟ୍ରର ଭୀମାକୋରେ ଗାଁଓ ହିଂସାକାଣ୍ଡ ଓ ମାଓବାଦୀଙ୍କ ସହ ସମ୍ପର୍କ ନେଇ ପାଞ୍ଚଜଣ ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ବିରୁଦ୍ଧରେ ମହାରାଷ୍ଟ୍ରର ପୁନେ ପୁଲିସ ଅଭିଯୋଗ କରି ଗିରଫଦାର କରିବା ପରେ ମାନ୍ୟବର ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଗିରଫ ନକରି ଗୃହବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପ୍ରିୟ ଓ ଗଣତନ୍ତ୍ର ତଥା ଅହିଂସାର ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ ଆମ ଭାରତ ଆଜି ଅନେକ ସମସ୍ୟାକୁ ସାମ୍ନା କରୁଛି। ଜାମ୍ମୁ-କାଶ୍ମୀରକୁ ଅଶାନ୍ତ କରିବା ପାଇଁ ପଡ଼ୋଶୀ ପାକିସ୍ଥାନ ନିୟମିତ ଭାବରେ ଆତଙ୍କବାଦୀ ମାନଙ୍କୁ ଓ ଜାମ୍ମୁ-କାଶ୍ମୀରର କିଛି ଅସାମାଜିକ ତତ୍ତ୍ୱ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୟଙ୍କର ହିଂସାକାଣ୍ଡ ସଂଗଠିତ କରୁଛନ୍ତି। ଜାମ୍ମୁ-କାଶ୍ମୀରର ନିର୍ବାଚିତ ସରକାର ପଦଚ୍ୟୁତ ହୋଇ ସେଠାରେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ବାଧ୍ୟ ହେଲେ। ଭାରତର ବିଭିନ୍ନ ସ୍ଥାନରେ ଅସାମାଜିକ ତତ୍ତ୍ୱମାନେ ବ୍ୟକ୍ତି ସ୍ୱାଧୀନତାର ବାହାନାରେ ଜାତୀୟ ସଂଗୀତ ଜନଗଣମନ ଗାଇଲାବେଳେ ଛିଡ଼ା ହଉନାହାନ୍ତି ତ କେତେକ ସ୍ଥାନରେ ବନ୍ଦେ ମାତରମ୍ କହିବାକୁ ଇଚ୍ଛୁକ ହେଉନାହାଁନ୍ତି। ଜାତୀୟ ପତାକା ପୋଡ଼ି ପାକିସ୍ଥାନ ଓ ଆଇଏସଆଇ ଭଳି ବିଶ୍ୱର ଭୟଙ୍କର ଆତଙ୍କବାଦୀ ସଂଗଠନର ପତାକାକୁ ଜାମ୍ମୁ-କାଶ୍ମୀରରେ ପ୍ରଦର୍ଶନ କରାଯାଉଛି। ଦେଶଦ୍ରୋହ ଅପରାଧ ରହିବା ଆବଶ୍ୟକ ଯଦି ଆଇନବିତ୍‌ମାନେ ସମ୍ପୃକ୍ତ ଧାରା ୧୨୪(କ)ର ବିକଳ୍ପ ଆଇନ ତିଆରି ହୋଇଛି ବୋଲି ଅନୁଭବ କରୁଛନ୍ତି। ସେମାନେ ବିଧିବଦ୍ଧ ଭାବେ ଏହି ପ୍ରସ୍ତାବ କେନ୍ଦ୍ରର ଆଇନ କମିଶନକୁ ଦେଇପାରିବେ। ଯାହାଦ୍ୱାରା ସମଗ୍ର ଦେଶରେ ଏହି ପ୍ରସଙ୍ଗକୁ ନେଇ ଆରମ୍ଭ ହୋଇଥିବା ଚର୍ଚ୍ଚା ସଠିକ୍ ଭାବରେ ହୋଇପାରିବ।


ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ

ଦୂରଭାଷ : ୯୪୩୭୧୬୩୫୨୮


## ଶ୍ରୀମନ୍ଦିରରେ ପୂଷ୍ୟାଭିଷେକ


॥ ଗୋପୀନାଥ ଦାଶ ॥


ପୌଷ ମାସ ପୂର୍ଣ୍ଣିମାରେ ବ୍ରତ ଉପବାସ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନରେ ସ୍ନାନ ଏବଂ ଦାନର ଫଳ ଶ୍ରେଷ୍ଠ ହୋଇଥାଏ। ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମାରେ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଉପବାସ ରଖି ସୁଖ, ସମ୍ପତ୍ତି ପ୍ରାପ୍ତି ହୋଇଥାଏ। ଏହି ଦିନ ସତ୍ୟନାରାୟଣ ବ୍ରତ ରଖିବା ସହ ବିଧିବିଧାନ ସହିତ ପୂଜା କଲେ ବିଶେଷ ଫଳ ମିଳିଥାଏ। ଏହି ଦିନ ପ୍ରାତଃ ସ୍ନାନାଦି କାର୍ଯ୍ୟ ସାରି ଭଗବାନ ମଧୁସୂଦନଙ୍କ ପୂଜା କରି ନୈବେଦ୍ୟ ଅର୍ପଣ କରିବା ଆବଶ୍ୟକ। ପରେ ଗରିବଙ୍କୁ ଭୋଜନ କରାଇଲେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ଧର୍ମ ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମା ଦିନ ପବିତ୍ର ନଦୀରେ ସ୍ନାନ କରିବାର ପରମ୍ପରା ମଧ ରହିଛି। ସେଥିପାଇଁ ସମସ୍ତ ତୀର୍ଥ ସ୍ନାନରେ ଥିବା ନଦୀଗୁଡ଼ିକରେ ଏହି ଦିନ ପୂଣ୍ୟ କାମନା କରି ଶ୍ରଦ୍ଧାଳୁମାନେ ସ୍ନାନ ଏବଂ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏହି ଅବସରରେ କରାଯାଇଥିବା ଦାନ ଅମୋଘ ଫଳ ଦେଇଥାଏ। ପୌଷ ପୂର୍ଣ୍ଣିମା ଦିନ ପବିତ୍ର ତୀର୍ଥ ସ୍ଥଳୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କରିବାର ମଧ ବିଧି ରହିଛି। କୌଣସି ତୀର୍ଥସ୍ଥାନ କିମ୍ବା ନଦୀକୁ ଯାଇନପାରିଲେ ଏହି ଦିନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ମଧ ପିତୃପୁରୁଷମାନେ ଶାନ୍ତି ପ୍ରାପ୍ତି କରିଥାନ୍ତି। ଏହି ପବିତ୍ର ତିଥିରେ ଭଗବାନ ଜଗନ୍ନାଥଙ୍କର ପୁଷ୍ୟାଭିଷେକ କରାଯାଇଥାଏ। ତେଣୁ ଏହାକୁ ଦେବାଭିଷେକ ପୂର୍ଣ୍ଣିମା ମଧ କୁହାଯାଇଥାଏ। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ ଏହି ଦିନରେ ମହୋଦଧୀ ଆଳତୀ କରିଥାନ୍ତି। ଏହି ଦିନରେ ଭଗବାନ ମଧୁସୂଦନଙ୍କ ପୂଜା ସମସ୍ତ ବୈଭବ ଏବଂ ଦିବ୍ୟଲୋକ ପ୍ରଦାନ କରିଥାଏ। ମାଘ ମାସ ସ୍ନାନର ପ୍ରାରମ୍ଭ ମଧ ଏହି ପୂର୍ଣ୍ଣିମାରୁ ହୋଇଥାଏ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିରଗୁଡ଼ିକରେ ଠାକୁରମାନଙ୍କର ପୂଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ। ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କର ପୂଷ୍ୟଭିଷେକ ହୁଏ। ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ଭୂଷ୍ୟଭିଷେକଂ କୁର୍ବୀତ୍ ସର୍ବକାମାର୍ଥ ସିଦ୍ଧୟେ। ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ। ସେଠାରେ ବରୁଣପୂଜା, ସ୍ୱସ୍ତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ଼୍‌ଗ ପୂଜା ପରେ ଭକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ। ଏହି ଅଭିଷେକୋତ୍ସୋବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ।


କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭

# ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରରେ ଦୁଇ ଦିନ ତାଲିମ୍ ଶିବିର ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦୁଇ ଦିନିଆ ଜନଗଣନା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ରାଜ୍ୟ ମାଷ୍ଟର ଟ୍ରେନର ଶ୍ରୀ ସନ୍ତୋଷ କୁମାର ଅଚାରୀ,ଉପନିର୍ଦ୍ଦେଶକ ଯୋଜନା ଗଜପତି ଶ୍ରୀ ପ୍ରକାଶ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ତାଲିମ କାର୍ଯ୍ୟକ୍ରମରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ସମସ୍ତ ତହସିଦାର ,ଅତିରିକ୍ତ ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ,ଓ ନିର୍ବାହୀ ଅଧିକାରୀ ମାନଙ୍କୁତାଲିମ ଦିଆଯାଇଛି। ଉକ୍ତ ତଲିମ୍ ଶିବିରରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ଭାରତୀୟ ସାମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ । ଶେଷ ଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ହେବ ଏହି କ୍ରମରେ ଗୃହ ତାଲିକା ଜନଗଣନା ହେବ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜନଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରାଯିବ। ଗୃହ ତାଲିକା ବ୍ଲକର ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ଅଧିକ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନ ପାଇଁ ଜାତୀୟ ସ୍ତରୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି। ଦୁଇଦିନିଆ ତାଲିମ୍ ଶିବିର ରେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଜିଲ୍ଲାସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ତହସିଲ ଓ ସହରାଞ୍ଚଳ ସ୍ତରୀୟ ଅଧିକାରୀ ମାନଙ୍କୁ କ୍ଷେତ୍ରୀୟ ଟ୍ରେନର ଭାବେ ନିୟୋଜିତ କରାଯିବ ବୋଲି କହିଥିଲେ। ଏଥର ଦେଶରେ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ଜନଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଗଣନା କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ ରହବା ଆବଶ୍ୟକ। ସମସ୍ତେ ଯେପରି ନିଜର ସଠିକ ତଥ୍ୟ ପ୍ରଦାନ କରିବେ ସେଥିପାଇଁ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ତେଣୁ ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଶା ପ୍ରକଟ କରିଥିଲେ ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ତହସିଲଦାର, ଅତିରିକ୍ତ ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗଣ ମାଧ୍ୟମକୁ ସୂଚନା ଦିଆଯାଉ ନାହିଁ।

## ଦକ୍ଷିଣ ଦଣ୍ଡକାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପର୍ଣ୍ଣ



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡା ବାଉରୀପଲ୍ଲୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମରେ ଦକ୍ଷିଣ ଦଣ୍ଡକାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପର୍ଣ୍ଣ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ଶରତ ପାହାଣଙ୍କ ନେତୃତ୍ୱରେ ଗ୍ରାମ୍ୟ ସଭ୍ୟ, ଯୁବକ ସଙ୍ଘ ଓ ଗ୍ରାମର ଆବାଳ ବୃଦ୍ଧବନିତା ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ । ଅଞ୍ଚଳର ୮ ମେଳ ନାମ ସଂକୀର୍ତନ ମଣ୍ଡଳୀ ଅହୋରାତ୍ର ନାମ ପରିବେଷଣ କରୁଥିବାରୁ ହରିବୋଲ ହୁଳହୁଳିରେ ଗ୍ରାମ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପଣ୍ଡିତ ନୃସିଂହ ରଥ ,ରାମଚନ୍ଦ୍ର କର ,ଅକ୍ଷୟ ରଥ ,ବୁଲୁ ରଥ , ଯଜ୍ଞ ସାମନ୍ତରା ଅଙ୍କୁରରୋପଣ, ଅଧିବାସ, ଘୃତାହୁତି ଓ ହୋମଯଜ୍ଞ ଆୟୋଜନ କରାଯିବା ସହ ସୋମବାର ଠାରୁ ଆରମ୍ଭ ହୋଇ ଗୁରୁବାର ଦୀର୍ଘ ୪ ଦିନ ବ୍ୟାପୀ ନୂତନ ମନ୍ଦିର ପ୍ରତିଷ୍ଠାରେ କର୍ମ ଆରମ୍ଭ ,ସ୍ନାନ ଓ ସୟନ ନୀତି,ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ନୂତନ ସିଂହାସନ ଆରୋହଣ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଗ୍ରାମ୍ୟ କମିଟି ସଭ୍ୟ ବ୍ରଜ ପାହାଣ ଓ ପତ୍ନୀ ସୁକାନ୍ତି ପାହାଣ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ । ଗ୍ରାମର ମହିଳାମାନେ ଗାଁ ଦାଣ୍ଡରେ ମୁରୁଜରେ ସୁସଜ୍ଜିତ ଝୋଟି ପକାଇ ଥିବା ବେଳେ ନୂତନ ମନ୍ଦିର ସହ ଗ୍ରାମର ଗ୍ରାମ ଦେବତୀ ମା ବିରିଜାଇ, ତ୍ରିନାଥ ଗୋସାଇଁ ମନ୍ଦିର ରଙ୍ଗୀନ ଆଲୋକ ତୋରଣରେ ଝଲସି ଉଠିଥିଲା। ଗୁରୁବାର ଦିନ ଦକ୍ଷିଣ ଦଣ୍ଡକାଳୀଙ୍କ ବିଗ୍ରହ ପ୍ରଥମେ ଆରାଧ ଶୈବ ପୀଠ ଶ୍ରୀ କମଳେଶ୍ୱର ଦେବଙ୍କ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ଦଣ୍ଡକାଳୀଙ୍କ ମାର୍ଫତଦାର ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ଦାଶଙ୍କ ଦୁଆର ମୁହଁରେ ପାରମ୍ପରିକ ପୂଜାର୍ଚନା ସହିତ ଭୋଗ ଲାଗି କରାଯାଇଥିଲା । ସେଠାରୁ କମଳାସିଂହ, ନୂଆଗାଁ, ଦେଉଳପଡା ଗ୍ରାମ ଶୋଭାଯାତ୍ରାରେ ପରିକ୍ରମା କରି ଭୋଗ ଲାଗି କରାଯାଇଥିଲା। ଗ୍ରାମ ପରିକ୍ରମା ପରେ ଦଣ୍ଡକାଳୀଙ୍କୁ ଗମ୍ଭୀରାରେ ବିଜେ କରାଇଥିଲେ । ଘଣ୍ଟ ଘଣ୍ଟା, ମୃଦଙ୍ଗ ହରିବୋଲ ହୁଳହୁଳି ଧ୍ୱନୀରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ନୂଆଗାଁ, କମଳାସିଂ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହଯୋଗ କରୁଥିବା ବେଳେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ନିମନ୍ତେ ପ୍ରତ୍ୟହ ଅନ୍ନ ଛତ୍ରର ବ୍ୟବସ୍ଥା କରାଯାଇଥିଲା ।

## ପାରାଦ୍ୱୀପ ତାରିଣୀଗଡାରେ ଅଜଣା ଯୁବତୀଙ୍କ ବିସ୍ମୟ ମୃତ୍ୟୁରେ ଯୁବତୀଙ୍କ ପ୍ରକୃତ ପରିଚୟ ମିଳିଲା : ପରିବାର ପକ୍ଷରୁ ପାରାଦ୍ୱୀପ ମଡେଲ ଥାନାରେ ହତ୍ୟା ଅଭିଯୋଗ !



ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପ ପୌର ପଳିକା ଅନ୍ତର୍ଗତ ୫ ନମ୍ବର ୱାର୍ଡ ବିଜୟଚନ୍ଦ୍ରପୁର ମୌଜାର ତାରିଣୀଗଡାରେ ଗତ ୨୨ ତାରିଖ ବିଳମ୍ବିତ ରାତ୍ରରେ ଘଟିଯାଇଥିବା ଏକ ସମ୍ବେଦନଶୀଳ ମୃତ୍ୟୁ ଘଟଣାରେ ଜଣେ ୨୦/୨୨ ବର୍ଷ ବୟସ୍କା ଅଚିହ୍ନା ଯୁବତୀ ଚାରି ମହଲା କୋଠା ଉପରୁ ଉଲଗ୍ନ ଅବସ୍ଥାରେ ପଡ଼ି ମୃତ୍ୟୁବରଣ ଘଟଣାର ଧୀରେ ଧୀରେ ପରଦା ହଟିବାକୁ ଯାଉଛି। ତେବେ ଘଟଣାଟି ଘଟିବା ପରେ ସ୍ଥାନୀୟ ଅଞ୍ଚଳ ତଥା ବିଭିନ୍ନ ଗଣ ମାଧ୍ୟମରେ ଓ ସାମାଜିକ ଗଣମାଧ୍ୟମରେ ସନସନି ଖବର ହୋଇଯାଇଛି। ମହିଳାଟି ଖସିପଡ଼ି, ଡେଇଁପଡି, ଠେଲିଦେବା, ମାନସିକ ବିକୃତି, ଲଭ୍ ସେକ୍ସ ଧୋଖା,ଦେହଜୀବୀ ପ୍ରଭୃତି ସଜାଇ ବିଭିନ୍ନ କାହାଣୀ ଗଢି ଓ ବିଭିନ୍ନ ଗଣ ମାଧ୍ୟମରେ ଓ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଏହି ଖବର ଦେଖିବାକୁ ମିଳୁଛି। ଆଜି କିନ୍ତୁ ସବୁ ଚିହ୍ନା ଅଚିହ୍ନା ଦ୍ୱନ୍ଦର ପରିସମାପ୍ତି ଘଟିଛି। ପାରାଦ୍ୱୀପ ପୋଲିସ ମୃତ ମହିଳାଙ୍କ ମୋବାଇଲ ଫୋନ ଜବତ କରି ଅନ କରିବା ପରେ ମହିଳାଙ୍କ ପରିବାର ସଦସ୍ୟଙ୍କ ଫୋନ ଆସିବା ପରେ ପ୍ରକୃତ ପରିଚୟ ମିଳିଥିଲା।ମୃତ ମହିଳା ଜଣକ ହେଉଛନ୍ତି ତିର୍ତ୍ତୋଲ ଥାନା କୋଲର୍ ପଞ୍ଚାୟତର ଜୟପୁର ଗ୍ରାମରେ। ସର୍କସ ପାର୍ଟିରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବାପା କର୍କଟ ରୋଗରେ ପୀଡିତ ହୋଇ ଜୀବନ ହରାଇଥିଲେ ।ସେ ନିଜ ବଡ଼ ଭାଇଙ୍କ ସହିତ ରହି କୁଜଙ୍ଗ କଲେଜ ରେ ପାଠ ପଢୁଥିଲେ ବୋଲି ଜଣାପଡିଛି ।ଏହି ବିସ୍ମୟ ମୃତ୍ୟୁ ଘଟଣାଟି ଘଟିଛି ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପାରାଦ୍ୱୀପ ପୌର ପାଳିକା ଅନ୍ତର୍ଗତ ୫ ନମ୍ବର ୱାର୍ଡରେ। ଆଜି ସକାଳେ ମୃତ ମହିଳାଙ୍କ ପରିବାର ଓ ଆତ୍ମୀୟସ୍ୱଜନମାନେ ଗଣମାଧ୍ୟମରୁ ଖବର ଜାଣିବା ପରେ ଓ ପାରାଦ୍ୱୀପ ପୋଲିସ ଠାରୁ ଖବର ପାଇବା ମାତ୍ରେ ଯୁବତୀଙ୍କ ଭାଇ ନୃସିଂହ ନାୟକ ଓ ଆତ୍ମୀୟ ମାନେ ପାରାଦ୍ୱୀପ ପହଞ୍ଚି ଏହା ଏକ ନିଶ୍ଚିନ୍ତ ହତ୍ୟା ଘଟଣା ସମ୍ପର୍କରେ ଅବଗତ କରିବାପାଇଁ ପାରାଦ୍ୱୀପ ମଡେଲ ଥାନାର ଦ୍ୱାରସ୍ଥ ହେବା ସହ ଶବ ଚିହ୍ନଟ କରିଛନ୍ତି ।ଆମ ପାରାଦ୍ୱୀପ କରେସ୍ପଣ୍ଡେଣ୍ଟ ପ୍ରକୃତ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବାପରେ ପାରିପାର୍ଶ୍ୱିକ ପରିସ୍ଥିତିରୁ ପୋଲିସ ଗଣ ଦୁଷ୍କର୍ମ ହୋଇଥିବାର ଅନୁମାନ କରୁଛି ।କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ଯୁବତୀଙ୍କ ଭାଇ ଓ ମଉସାଙ୍କ କହିବା ଅନୁଯାୟୀ ଯୁବତୀ ଜଣକ ଗତ ୨୨ ତାରିଖ ରବିବାର ଦିନ ତାର ଜଣେ ବାନ୍ଧବୀ ଓ ବାନ୍ଧବୀର ପୁରୁଷ ବନ୍ଧୁ ସହିତ ଝଙ୍କଡ଼ ଶାରଳା ମା' ଙ୍କ ପୀଠକୁ ବୁଲିବାକୁ ଆସିଥିଲେ ବୋଲି ପୋଲିସକୁ ସୂଚନା ଦେଇଛନ୍ତି ।ଯୁବତୀ ଜଣକ ଘରକୁ ଆସିବା ଡେରି ହେବାରୁ ଭାଇ ନୃସିଂହ ଫୋନ କରିବାରୁ ଫୋନ ସ୍ୱିଚ ଅଫ ଥିଲା। ଏ ବିଷୟରେ ତିର୍ତ୍ତୋଲ ଥାନା ରେ ମଧ୍ୟ ଏତଲା ଦିଆଯାଇଥିଲା ବୋଲି ଯୁବତୀଙ୍କ ଭାଇ ନୃସିଂହ ନାୟକ ପ୍ରକାଶ କରିଛନ୍ତି ।ଏଠାରେ ପ୍ରଶ୍ନ ଉଠୁଛି ଯେ,ଯୁବତୀ ନିଜ ବାନ୍ଧବୀ ସହିତ ଝଙ୍କଡ଼ ଶାରଳା ପୀଠକୁ ଆସିଥିଲେ ତେବେ ସେ ପାରାଦୀପକୁ ଏକା କିପରି ଗଲେ ,ସ୍ୱ ଇଚ୍ଛାରେ ଆସିଥିଲେ ନା ତାଙ୍କୁ ବେହୋସ କରି ଅଣାଯାଇଥିଲା, ଏବଂ ସାଙ୍ଗରେ ଥିବା ବାନ୍ଧବୀ ଓ ବାନ୍ଧବୀର ପୁରୁଷ ବନ୍ଧୁ କୁଆଡେ ଗଲେ ବୋଲି ଯୁବତୀଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ତର୍ଜମା ଅନୁଧ୍ୟାନରୁ ଜଣାପଡିଛି ଯେ ପୋଲିସ ସନ୍ଦେହରେ ଯେଉଁ ଯୁବକ ମାନଙ୍କୁ ଅଟକ ରଖାଯାଇଛି ସେମାନେ ମାତ୍ର ୧୫ ଦିନ ହେବ ଆସି ଏକ କମ୍ପାନୀରେ କାମ ଆରମ୍ଭ କରିଥିଲେ ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶାରଳା ପୀଠକୁ ଯୁବତୀ ଜଣକ ଆସିଥିବା ବେଳେ ଏକ ଅଜଣା ମୋବାଇଲ ନମ୍ବରରୁ ରାହାମାରୁ ଝିଅଟିକୁ ନେଇଯିବା ପାଇଁ ଏକ ଫୋନ କଲ ଆସିଥିଲା ଯାହାକି ଘଟଣାକୁ ଆହୁରି ରହସ୍ୟ ମଧ୍ୟକୁ ଟାଣି ନେଉଛି ।ଏହି ଅଜଣା ଫୋନ କଲ୍ ନେଇ ତିର୍ତ୍ତୋଲ ଥାନାରେ ଏତଲା ଦିଆ ଯାଇଥିଲା ବୋଲି ଯୁବତୀଙ୍କ ମଉସା ପ୍ରକାଶ କରିଛନ୍ତି। ତେବେ ଯାହା ହେଉ ନା କାହିଁକି ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରିସାରିଛି ଖୁବ୍ ଶୀଘ୍ର ଏହି ଘଟଣାରୁ ପରଦା ହଟିବ ବୋଲି ପାରାଦ୍ୱୀପ ପୋଲିସ ପକ୍ଷରୁ କୁହାଯାଇଛି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ

ବାଲିପାଟଣା( ମହାଭାରତ) ଆଜିର ଆଡ଼ମ୍ବରପୂର୍ଣ୍ଣ ଜନ୍ମଦିନ ପାଳନ ପ୍ରଥାକୁ ପଛକୁ ଛାଡ଼ି ସମାଜସେବାକୁ ପ୍ରାଧାନ୍ୟ ଦେଇ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଜ ଜନ୍ମଦିନକୁ ନିଆରା ଓ ସ୍ମରଣୀୟ ଢଙ୍ଗରେ ପାଳନ କରିଛନ୍ତି ।ବାଲିପାଟଣା ଓ ବାଲିଅନ୍ତା ଦୁଇଟି ବ୍ଲକ ରେ ସେ ଜଣେ ପ୍ରତିଷ୍ଦିତ ସମାଜସେବୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିଛନ୍ତି ! ଜନ୍ମଦିନ ଟିକୁ ସେ ଉତ୍ସବ ନୁହେଁ, ବରଂ ସେବା ଓ ସମର୍ପଣର ଦିନରୂପେ ପାଳିଛନ୍ତି ।ଜନ୍ମଦିନ ଅବସରରେ ପ୍ରଥମେ ଲବଣଗିରିରେ ଚତୁର୍ଥା ମୂର୍ତ୍ତିଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ? ପ୍ରତିଭା ଆଶ୍ରମରେ ନିର୍ବାସିତ ଓ ଅସହାୟ ଶିଶୁମାନଙ୍କୁ ଜଳଖିଆ ବଣ୍ଟନ କରାଯାଇଥିଲା। ଶିଶୁମାନଙ୍କ ସହ ସମୟ କାଟି ତାଙ୍କ ମୁହଁରେ ହସ ଫୁଟାଇବାକୁ ସେ ନିଜ ଜନ୍ମଦିନର ସର୍ବୋତ୍କୃଷ୍ଟ ଉପହାର ବୋଲି କହିଛନ୍ତି ।ଏହା ଛଡ଼ା ଏକ ସ୍ଥାନୀୟ ଶିକ୍ଷାନୁଷ୍ଠାନରେ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଖାତା, ପେନ୍ ଓ ଅନ୍ୟାନ୍ୟ ପାଠ୍ୟସାମଗ୍ରୀ ବଣ୍ଟନ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅନେକ ଯୁବକ-ଯୁବତୀ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରିଥିଲେ। "ରକ୍ତର ଏକ ବିନ୍ଦୁ, ଜୀବନର ଏକ ନୂଆ ଆଶା" ବାର୍ତ୍ତା ସହିତ ଆୟୋଜିତ ଏହି ଶିବିର ମାନବିକତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଳି , ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଂଜନ ମିଶ୍ର , ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହାସହ ଶ୍ରୀ କ୍ରିଷ୍ଣା ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ବୃଦ୍ଧମାନଙ୍କ ଆଶୀର୍ବାଦ ଓ ସ୍ନେହ ଦିନଟିକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା।ସେହିପରି କଳିଙ୍ଗ ଯୁବ ସେନା ଟ୍ରଷ୍ଟ ଆନୁକୂଲ୍ୟରେ ଗୋଶାଳାରେ ଗୋମାତାଙ୍କ ସେବା କରି ଆଶୀର୍ବାଦ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାପସ ରଂଜନ ମଲ୍ଲିକ, ତପନ ସ୍ୱାଇଁ, ଲକ୍ଷ୍ମଣ ଜେନା, ଦୀପକ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।ଆଡ଼ମ୍ବର ଠାରୁ ଦୂରେ ରହି ସମାଜ ପାଇଁ କାମ କରି ଜନ୍ମଦିନକୁ ସାର୍ଥକ କରିବାର ଏହି ପଦକ୍ଷେପ ନିଶ୍ଚୟ ଅନ୍ୟ ଯୁବମାନଙ୍କୁ ପ୍ରେରଣା ହେବ ବୋଲି ଆଶା।

## ମାର୍ଚ୍ଚ ୨୪ରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ଓ ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଗାଁ ମୁଖିଆ (ଗାଉଣ୍ଡିଆ) କମଳସିଂ ରାଜପୁତ ଉପସ୍ଥିତ ଥି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦଲ ଗଣ୍ଡ, ବିଲୁସିଂ ରାଜପୁତ, କିରଣ ପଟ୍ଟନାୟକ, ଶ୍ରୀରାମ ସୁନାନୀ ପ୍ରମୁଖଙ୍କ ସମେତ ସାତ ଘାତପାଲି ଗ୍ରାମର ସମସ୍ତ ସିଆନ ମୁଖିଆ, ପୂଜାରୀ, ଶିରହା ନେଙ୍ଗୀ ପାତ୍ର ,ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ , ଡେଙ୍ଗୁରମୁଣ୍ଡୀଆ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରାର ସମସ୍ତ ଆୟବ୍ୟୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। ଦେବେନ୍ଦ୍ର ମିଶ୍ରଙ୍କୁ ସଭାପତି ଉପସଭାପତି କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨୪ରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା ଓ ଗ୍ରାମ ପରିକ୍ରମା ଆରମ୍ଭ ହେବ। ମାର୍ଚ୍ଚ ୩୧ରୁ ୪ଦିନ ବ୍ୟାପି ମଣ୍ଡେଇ (ମେଳା) ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ପାରାଦୀପ ବନ୍ଦରରେ ୭୯୭ କୋଟିର ଗ୍ରୀନ୍ ହାଇଡ୍ରୋଜେନ୍ ଜେଟିକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ



ନୂଆଦିଲ୍ଲୀ/ପାରାଦୀପ, (ମହାଭାରତ) : କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ସ୍ୱତନ୍ତ୍ର ଜେଟି ନିର୍ମାଣକୁ ଅନୁମୋଦନ ମିଳିଛି। ପ୍ରାୟ ୭୯୭.୧୭ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ପାରାଦୀପ ବନ୍ଦର ପ୍ରାଧିକରଣ 'ବିଲ୍ଡ-ଅପରେଟ୍-ଟ୍ରାନ୍ସଫର' (ବିଓଟି) ମଡେଲରେ କାର୍ଯ୍ୟକାରୀ କରିବ। ଏହି ନୂତନ ସୁବିଧାର ବାର୍ଷିକ ୪.୦ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ରହିବ। ଏଥିରେ ଏକ ସ୍ୱତନ୍ତ୍ର ଜେଟି, ଷ୍ଟୋରେଜ୍ ସିଷ୍ଟମ୍, ପାଇପଲାଇନ ଏବଂ ଆଧୁନିକ ପରିଚାଳନା ଉପକରଣ ଅନ୍ତର୍ଭୁକ୍ତ କ୍ଷ ଏହି ପ୍ରକଳ୍ପ ଆଗାମୀ ୨୪ ମାସ ମଧ୍ୟରେ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣ ନିର୍ମାଣ କାର୍ଯ୍ୟ ପାଇଁ ମୋଟ ବ୍ୟୟର ୨୦% ଅର୍ଥାତ୍ ୧୫୯.୪୩ କୋଟି ବ୍ୟୟ କରିବେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଆଜି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ଜେଟି ଓଡ଼ିଶାର ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ବିଶ୍ୱ ବଜାର ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେବେ ଏହି ପ୍ରକଳ୍ପ ଭାରତର 'ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ'ର ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବା ସହିତ ଏହା ଓଡ଼ିଶାରେ ପୁଞ୍ଜିନିବେଶ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପୂର୍ବ ଭାରତରେ ଏକ ଶକ୍ତିଶାଳୀ ଗ୍ରୀନ୍ ଏନର୍ଜି ଇକୋସିଷ୍ଟମ୍ ଗଠନ କରିବ। ଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟତୀତ ଏହି ଜେଟି ଅନ୍ୟାନ୍ୟ ତରଳ କାର୍ଗୋ ପାଇଁ ମଧ୍ୟ ବ୍ୟବହୃତ ହେବ, ଯାହା ବନ୍ଦରର କାର୍ଯ୍ୟଦକ୍ଷତାକୁ ବଢ଼ାଇବ। ଏହି ଜେଟିରେ ୧୪.୩ ମିଟର ଗଭୀରତା ବିଶିଷ୍ଟ ବର୍ଥ ରହିବ, ଯାହା ଫଳରେ ବଡ଼ ତରଳ କାର୍ଗୋ ଜାହାଜଗୁଡ଼ିକ ସହଜରେ ଯାତାୟାତ କରିପାରିବ ।

## ବନାଗ୍ନି ସଚେତନତା କାର୍ଯ୍ୟକ୍ରମ




ଗଣିଆ, (ମହାଭାରତ): ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳରେ ଆଇ ହୋପ ଫାଉଣ୍ଡେସନ ପକ୍ଷରୁ ଗୁରୁବାର ଦିନ ଏକ ବ୍ୟାପକ ବନାଗ୍ନି ସାଇକେଲ ଶୋଭାଯାତ୍ରା ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁତିଆ ଏହାର ପରିଚାଳନା କରିଥିଲେ। ଆଇ ହୋପ ଫାଉଣ୍ଡେସନ ସହିତ ବନ ବିଭାଗର କର୍ମଚାରୀ ମିଳିତରେ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ଆଖପାଖ ସ୍କୁଲ ଓ ୧୯ଖଣ୍ଡ ଗ୍ରାମ ପରିକ୍ରମା କରିଥିଲେ। ପ୍ଲାକାର୍ଡ଼ ଓ ସ୍ଲୋଗାନ ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗାଇବା ଏବଂ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଖରା ଦିନ ଆରମ୍ଭ ହେଉଥିବାରୁ ଜଙ୍ଗଲରେ ବନ ଅଗ୍ନିର ଭୟାବହତାକୁ କିପରି ରୋକାଯାଇପାରିବ, ସେ ନେଇ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ।ବନ ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ ସହିତ ସାଧାରଣ ଲୋକଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ବନବିଭାଗ ମତ ପ୍ରକାଶ କରିଛି ।ଜଙ୍ଗଲକୁ ବଞ୍ଚାଇବା ପାଇଁ ସଚେତନତା ହିଁ ସର୍ବଶ୍ରେଷ୍ଠ ଅସ୍ତ୍ର।

## ଉଦଘାଟିତ ହେଲା ନିଆଳୀ ମହୋତ୍ସବ



ନିଆଳୀ, (ମହାଭାରତ) : ଉଦଘାଟିତ ହେଲା ନିଆଳୀ ମହୋତ୍ସବ ୨୦୨୬ ପ୍ରଥମେ ନିଆଳୀର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶୋଭନେଶ୍ୱର ଙ୍କ ଆଜ୍ଞାମାଳ ଅଣାଯାଇ ନିଆଳୀ ମାଘ ସପ୍ତମୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ମଞ୍ଚରେ ସ୍ଥାପନ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆରମ୍ଭ ହୋଇଛି ନିଆଳୀ ମହୋତ୍ସବ। ଏହି ମହୋତ୍ସବ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହାସ୍ୟ ଅଭିନେତା ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହୋତ୍ସବ ନବମ ବର୍ଷରେ ପାଦ ଥାପିଥିବା ବେଳେ ଆଜି ଏହାର ଉଦଘାଟନୀ ଉତ୍ସବ । ଉଦଘାଟନୀ ଉତ୍ସବରେ ନିଆଳୀ ବିଧାୟକ ଛବି ମଲ୍ଲିକ ଯୋଗଦେବା ସହିତ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ଦେଖିବାକୁ ମିଳିଛି । ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଶାରଳା ଘଣ୍ଟ ନୃତ୍ୟ ସହିତ ଓଡ଼ିଆ କଣ୍ଠଶିଳ୍ପୀ ବିଭୁ କିଶୋର ନିଜର କଳା ପରିବେଷଣ କରିଥିଲେ ପରେ ପରେ ଆଞ୍ଚଳିକ କଳାକାର ମାନଙ୍କ ଦ୍ୱାରା କଳା ପରିବେଷଣ କରାଯାଇଥିଲା ଯାହାକୁ ଦେଖିବା ପାଇଁ ନିଆଳୀ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । ପାଞ୍ଚଦିନ ବ୍ୟାପି ଏହି ମହୋତ୍ସବରେ ବିଭିନ୍ନ ପ୍ରକାରର ଘରକରଣା ସାମଗ୍ରୀ ସମେତ ଭଳିକି ଭଳି ଖାଦ୍ୟ ବ୍ୟବସାୟୀ ନିଜର ଷ୍ଟଲ୍ ଖୋଲିଥିବା ଦେଖିବାକୁ ମିଳିଛି ।

## ଭିନ୍ନ ଏକ ବିବାହ ବନ୍ଧନ

କୃଷ୍ଣପ୍ରସାଦ, (ମହାଭାରତ): ବିବାହ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କଲେ କଳିଙ୍ଗ କନ୍ୟା ବାଳିକା ପାଇକ ଆଖଡ଼ା ଦଳର ପ୍ରତିଷ୍ଠାତା ତଥା ପ୍ରକୃତିବନ୍ଧୁ ସୁନିତା ବେହେରା । ସେ ଜଣେ ବିଟେକ ଛାତ୍ରୀ । ଚିଲିକା ତଟବର୍ତ୍ତୀ ରତନପୁର ଗ୍ରାମ ଠାରେଚଳିତ ମାସ ୨୦ତାରିଖରେ ସୁନିତାଙ୍କ ସହିତ ବଉଲାବନ୍ଧ ଗ୍ରାମର ଯୁବ ଇଞ୍ଜିୟର ରମାକାନ୍ତ ବେହେରାଙ୍କ ବୈଦିକ ରୀତିନୀତି ରେ ଶୁଭବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।ଏହି ଅବସରେ ସୁନିତାଙ୍କ ବହୁମୁଖୀ ପ୍ରତିଭାକୁ ନେଇ ଏକ ଅଭିନନ୍ଦନିକା ପୁସ୍ତକ.. 'ସାଧନକ୍ଷର ପଥେ 'କୁ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି. ଡକ୍ଟର ମୁରଲୀ ମନୋହର ଶର୍ମା. ଗାଁ ଦିବସ ଅଭିଯାନର ବାସୁଦେବ ମାଳ ବିଶୋଇ. ପାଇକ ସଂଗଠକ ସୁବାସ ଜେନା. ବ୍ଲକ ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ. ସାମ୍ବାଦିକ ଅଖିଳ ପଳେଇ. କୈଳାସ ଚନ୍ଦ୍ର ପଟ୍ଟନାୟକ. ସୁନିତା ବେହେରା ଓ ବନବିହାରୀ ବେହେରା ପ୍ରମୁଖ ଯୋଗଦେଇ ଉକ୍ତ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରେ ସୁନିତା ଅତିଥି ମାନଙ୍କୁ ଫୁଲ ଚାରା ବଣ୍ଟନ କରିଥିଲେ ।ଏହି କାର୍ଯ୍ୟ କ୍ରମରେ ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ. ମହିଳା ନାଟ୍ୟକାର ପ୍ରିୟମ୍ବଦା. ଯୋଗ ଦେଇଥିଲେ ।ସେହିପରି ୨୨ତାରିଖେ ରେ ବଉଳାବନ୍ଧ ଗ୍ରାମଠାରେ ଆଇନ. ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ. ପୂର୍ବତନ ସରପଞ୍ଚ ଦେବାଶିଷ ରଥ. ସ୍ଥାନୀୟ ବିଜେପି ନେତା ସୁମନ୍ତ ପଟ୍ଟନାୟକ ପ୍ରମୁଖ ବହୁ ମାନ୍ୟ ଗଣ ବ୍ୟକ୍ତି ମାନେ ଯୋଗ ଦେଇ ନବ ଦମ୍ପତିଙ୍କୁ ଆଶିର୍ବାଦ ପ୍ରଦାନ କରି ଥିଲେ । ବିବାହ ଉତ୍ସବରେ ଫୁଲ ଚାରା ବଣ୍ଟନ ଓ ପୁସ୍ତକ ଉନ୍ମୋଚନ ଏକ ଭିନ୍ନ ପ୍ରୟାସ ବୋଲି ସାଧାରଣ ରେ ଭୁୟସୀ ପ୍ରଶଂସା କରାଯାଇଥିଲା।

## ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ଅସ୍ତରଙ୍ଗ, (ମହାଭାରତ ) : ବୁଧବାର ପ୍ରାତଃ ରୁ ଜଣେ ବୃଦ୍ଧଙ୍କ ମୃତଦେହ ଡମଶୁଣ ସ୍ଥିତ ଲୁଣାପାଟ ନିକଟ ଏକ ଚୁଆ ରେ ମୁହଁ ମାଡି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇବା ପରେ ଏହି ଘଟଣା ସମ୍ପର୍କରେ ନୂଆଗଡ ସାମୁଦ୍ରିକ ଥାନା ପୁଲିସ କୁ ସୂଚନା ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଂଚି ବୃଦ୍ଧଙ୍କ ମୃତଦେହ କୁ ଜବତ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଛି। ମୃତ ବୃଦ୍ଧ ଜଣକ ହେଲେ ବିଦ୍ୟାଧର ମହାନ୍ତି (୮୫)। ସେ ଜଗତସିଂହପୁର ଜିଲ୍ଲା ମାଛଗାଁ ଓଟିନ୍ଧା ଗ୍ରାମର ବାସିନ୍ଦା ବୋଲି ପୁଲିସ ସୂତ୍ରରୁ ପ୍ରକାଶ,ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନାଅନ୍ତର୍ଗତ ଝାଡ଼ଲିଙ୍ଗ ପଂଚାୟତ ଡମଶୁଣ ନିକଟ ଲୁଣାପାଟ ଏକ ବନ୍ଧ ନିକଟରେ ବୁଧବାର ସକାଳୁ ପାଣି ଭିତରେ ମୁହଁ ମାଡି ପଡ଼ିଥିଲେ। ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଖବର ପାଇବା ପରେ ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ ପରେ ଜଣାପଡିଥିଲା ମୃତ ବୃଦ୍ଧ ଜଣକ ବିଦ୍ୟାଧର ମହାନ୍ତି। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ ହେବ ଖଣ୍ଡିବେଲାରୀ ଗ୍ରାମର କୈଳାଶ ବିଶ୍ୱାଳ ଙ୍କ ଘରେ ରହୁଥିଲେ। କିନ୍ତୁ ଅଚାନକ ବୃଦ୍ଧ ଜଣକ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ବ୍ୟାଗ ଧରି ଘରୁଆସିଥିଲେ। କିନ୍ତୁ ବୃଦ୍ଧ ଜଣକ କିପରି ପାଣି ପଡିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଂଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହ ବୃଦ୍ଧ ଙ୍କ ପରିଚୟ ମିଳିବା ପରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଂଚି ସ୍ଥାନୀୟ ଲୋକଙ୍କୁ ପଚରା ଉଚରା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ସମ୍ପର୍କୀୟ ପକ୍ଷରୁ ନୂଆଗଡ ସାମୁଦ୍ରିକ ଥାନା ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୧/୨୬ରେ ମାମଲା ରୁଜୁ ସହ ବୃଦ୍ଧ ଜଣକ ପାଣି କୁ କିପରି ଆସିଲେ, କେଉଁ ଉଦେଶ୍ୟ ରେ ଆସିଥିଲେ। ମୃତ୍ୟୁ କିପରି ହେଲା ପୁଲିସ ବୃଦ୍ଧ ଙ୍କ ମୃତ ଦେହ କୁ ଶବ ବ୍ୟବଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ।

## ଠାକୁରମୁଣ୍ଡା ଅଞ୍ଚଳରେ ଛୁଆ ଚୋର ସନ୍ଦେହ: ମହିଳା ଥାନାରେ ଅଟକ




କରଞ୍ଜିଆ,(ମହାଭାରତ)ମୟୂରଭଞ୍ଜ ଜିଲ୍ଲାରେ ଏବେ ଛୁଆ ଚୋରୀ ନେଇ ଚର୍ଚ୍ଚା ଯୋର ଥିଲାବେଳେ ଠାକୁରମୁଣ୍ଡା ବ୍ଲକ ର ମହୁଲଡିହା ଥାନା ଅଞ୍ଚଳରେ ଛୁଆ ଚୋର ଗୁଜବ ମଧ୍ୟରେ ଜଣେ ମହିଳାଙ୍କୁ ମହୁଲଦଡିହା ଥାନା ପୋଲିସ ଅଟକ ରଖିଛି ।ସୂଚନା ଅନୁଯାୟୀ, ସୋମବାର ଦିନ ସୁଦର୍ଶନପୁର ଗ୍ରାମର ସଲମା ହାଁସଦାଙ୍କ ଘରେ ମହିଳାଜଣକ ରାତିରେ ରହିଥିଲେ । ପରବର୍ତ୍ତୀ ଦିନ ସେ କେଉଁଠିକି ଚାଲିଯାଇଥିଲେ । ଗୁରୁବାର ସକାଳେ ସେ ତିନି ବର୍ଷର ଜଣେ ଛୁଆଙ୍କୁ ନେଇ ପୁନର୍ବାର ଆସିଥିଲେ । ସଲମା ଓ ଗ୍ରାମବାସୀମାନେ ଛୁଆଟି କାହାର ବୋଲି ପଚାରିଲେ, ମହିଳାଜଣକ ସ୍ପଷ୍ଟ ଉତ୍ତର ଦେଇପାରିନଥିଲେ । ଏହି ସମୟରେ ଅଞ୍ଚଳରେ ଛୁଆ ଚୋର ଗୁଜବ ଚାଲିଥିବାରୁ ଗ୍ରାମବାସୀମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ ।ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମହିଳା ଓ ଛୁଆଟିଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ ।ଏହି ମଧ୍ୟରେ ଚମ୍ପାଝର ଗ୍ରାମର ତ୍ରିନାଥ ହୋଙ୍କ ତିନି ବର୍ଷର ଝିଅ ସକାଳୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା । ଖବର ପାଇ ସେ ଥାନାକୁ ପହଞ୍ଚି ଛୁଆଟିଙ୍କୁ ନିଜ ଝିଅ ସନ୍ଧ୍ୟାରାଣୀ ବୋଲି ଚିହ୍ନଟ କରିଥିଲେ ।ତଦନ୍ତରେ ଜଣାପଡ଼ିଛି ଯେ ମହିଳାଜଣକ ମଙ୍ଗଳବାର ରାତିରୁ ତ୍ରିନାଥ ହୋଙ୍କ ଘରେ ରହୁଥିଲେ ଏବଂ ଆଜି ସକାଳେ ତିନି ବର୍ଷର ଝିଅକୁ ନେଇ ଚାଲିଯାଇଥିଲେ ।ଅଟକ ମହିଳାଙ୍କ ପରିଚୟ କପ୍ତିପଦା ଥାନା ପେଟାସାଲ ଗ୍ରାମର ରାଜାରାମ ଟୁଡୁ ଙ୍କ ଝିଅ ଦୂଲାରୀ ହାଁସଦା (୩୮) ବୋଲି ଜଣାପଡ଼ିଛି ।ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ।

## ମୃତ ଚାଷୀ ପରିବାରକୁ ଭେଟିଲେ ବିଧାୟକ



ରାଜନଗର: କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ପଂଚାୟତ ଜୁଣଗଡି ଗାଁରେ ମଣ୍ଡିରେ ସମ୍ପାଦକ ଓ ମିଲରଙ୍କ ନିର୍ଯାତନା ସହିନପାରି ପ୍ରାଣ ହରାଇଥିବା ତ୍ରିଲୋଚନ ନାୟକଙ୍କ ପରିବାରକୁ ସ୍ଥାନୀୟ ବିଧାୟକ ଭେଟିଛନ୍ତି ।ଆଜି ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୃତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।ବିଜେଡି ନେତା ଶ୍ରୀ ସାହୁ ମଣ୍ଡି ଓ ମିଲ୍ରେ ମୃତ ଚାଷୀ ଓ ତାଙ୍କ ଭାଇ କିପରି ଶୋଷଣ ଓ ନିର୍ଯାତନାର ଶିକାର ହୋଇଥିଲେ ସେ ନେଇ ପଚାରି ବୁଝିଛନ୍ତି । ମୃତ ଚାଷୀର ପରିବାରକୁ ରାଜ୍ୟ ସରକାର ୨୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରନ୍ତୁ ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ବିଜୟ କୁମାର ନାୟକ, ଯୁବ ନେତା ରାକେଶ କୁମାର ନାୟକ ପ୍ରମୁଖ ମୃତ ଚାଷୀ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡି ଗାଁରେ ଚାଷୀ ତ୍ରିଲୋଚନ ନାୟକ ସରକାରୀ ମଣ୍ଡି ନିର୍ଯାତନା ସହି ନପାରି ଆଖି ବୁଜିଛନ୍ତି । ତ୍ରିଲୋଚନଙ୍କର ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଜାନୁଆରି ୧୬ରେ ଧାନ ଦେବାକୁ ମେସେଜ ଆସିଥିଲା । ସେବା ସମବାୟ ସମିତିକୁ ଦୀର୍ଘ ୪୦ ଦିନ ଧରି ଦୌଡ଼ି ଦୌଡ଼ି ଶେଷରେ ପ୍ରାଣ ହରାଇଛନ୍ତି । ମଣ୍ଡି ପରିବର୍ତ୍ତେ ମିଲକୁ ଧାନ ନେଇ ଯାଇଥିଲେ ତ୍ରିଲୋଚନ । ରାମଚଣ୍ଡୀ ମିଲରେ ୩ଦିନ ଅଖିଆ ଅପିଆ ଧାନ ଜଗି ରହିଥିଲେ । ମିଲରକୁ କୁଇଣ୍ଟାଲ ପିଛା ୬ କେଜି ବାଦେ ୩ କୁଇଣ୍ଟାଲ ଧାନ ଓ ୩ ହଜାର ଟଙ୍କା ଅନଲୋଡ଼ ପାଇଁ ଦେବା ପରେ ଧାନ ଅନଲୋଡ଼ ହେଲା । ମିଲର ଓ ସମ୍ପାଦକଙ୍କ ନିର୍ଯ୍ୟାତନା ସହି ନପାରି କାଲି ମିଲରୁ ଫେରି ଘରେ ପହଂଚିବା କ୍ଷଣି ପ୍ରାଣ ହରାଇଛନ୍ତି ।

## ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା
## ଆଦିବାସୀ-ପୁଲିସ ମୁହାଁମୁହିଁ, ୧୪ ଅଟକ

ରାଜଗାଙ୍ଗପୁର(ମହାଭାରତ): ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାର ଖଣିକୁ ରାସ୍ତା ନିର୍ମାଣକୁ ନେଇ ବୁଧବାର ଲାଞ୍ଜିବେର୍ଣ୍ଣାରେ ଉତ୍ତେଜନା ଦେଖା ଦେଇଥିଲା । ପ୍ରଭାବିତ ଆଦିବାସୀ ଓ ପୁଲିସ ମୁହାଁମୁହିଁ ହୋଇଥିଲେ । ପ୍ରବଳ ଉତ୍ତେଜନା ମଧ୍ୟରେ ପୁଲିସ ୧୪ ଜଣଙ୍କୁ ଅଟକ ରଖିବା ପରେ ରାସ୍ତାକାମ ଆରମ୍ଭ ହୋଇଥିଲା । ଅପରାହ୍ଣରେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ୍ ରାଜେନ ଏକ୍କା ଘଟଣାସ୍ଥଳରେ ପହଞ୍ଚି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି । ଅଟକ ୧୪ ଜଣଙ୍କୁ ତୁରନ୍ତ ଛାଡ଼ିଦେବା ଓ ଜିଲ୍ଲାପାଳଙ୍କ ସହ ଆଲୋଚନା ନହେବା ଯାଏଁ କାମ ବନ୍ଦ ରଖିବାକୁ ସେ କହିବା ପରେ କାମ ବନ୍ଦ ରଖାଯାଇଛି । ଏବେ ବି ସେଠାରେ ଚାପା ଉତ୍ତେଜନା ରହିଛି ।



# ଜଳେଶ୍ୱରରେ ଗଞ୍ଜେଇ ବେପାରୀ ହାଉଜାଉ
## ଗ୍ରାହକଙ୍କ ତାଲିକାରେ ଯୁବ ବର୍ଗ ଅଧିକ

ଜଳେଶ୍ୱର: ବ୍ରାଉନସୁଗର ବେପାର ପରି ଜଳେଶ୍ୱରରେ ଏବେ ଗଞ୍ଜେଇ ବେପାର ମଧ୍ୟ ଜୋରସୋରରେ ଚାଲିଛି ।ଗାଁ ଠୁ ସହର ସବୁଠି ଗଞ୍ଜେଇ ବେପାରୀ ଛାଇ ହୋଇ ଯାଇଥିବା ବେଳେ ସେମାନଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର ବୋଲି କୁହାଯାଇଛି । ଗତ କିଛି ବର୍ଷ ହେଲା ଜଳେଶ୍ୱର ବ୍ରାଉନସୁଗର ବେପାରର ହବ ପାଲଟିଥିବା ନେଇ ଚର୍ଚ୍ଚା ହୋଇ ଆସୁଥିବା ବେଳେ ଏବେ ପୁଣି ବେଧଡକ ଭାବେ ଗଞ୍ଜେଇ କାରବାର ଜୋରସୋରରେ ଚାଲିଛି ।

ବୌଦ୍ଧ ଓ ଫୁଲବାଣୀରୁ ଜଳେଶ୍ୱରକୁ ସୁଇଫ୍ଟ, ଡିଜେୟାର,ଡଷ୍ଟର ସମେତ ଅନ୍ୟ ଡିକି ବଡ ଥିବା ଗାଡ଼ିରେ ମାସକୁ ୧୦ ରୁ ୧୫ ଥର ଗଞ୍ଜେଇ ଆସୁଛି ।ଥରକେ ଗୋଟିଏ ଗାଡିରେ ୨ ରୁ ୩ କ୍ୟୁ[illegible]ଲ ଗଞ୍ଜେଇ ଆସୁଛି ।ଯେଉଁ ଗାଡ଼ିରେ ଗଞ୍ଜେଇ ଆସୁଛି ସେହି ଗାଡ଼ି ଆଗରେ ଗୋଟିଏ ଏସ୍କଟ ଗାଡି ରହୁଛି ।ଗଞ୍ଜେଇ ଆଣୁଥିବା ଗାଡ଼ି ଗୁଡ଼ିକ ଓଡି୩୩ ନମ୍ବର ର ଗାଡି ବୋଲି ଜଣାପଡିଛି ।ରାତି ୧୧ ଟାରୁ ରାତି ୧ ଟା ମଧ୍ୟରେ ଏହି ଗଞ୍ଜେଇ ଗାଡ଼ି ଜଳେଶ୍ୱର କିମ୍ବା ଜଳେଶ୍ୱର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଲାଗୁଛି ।ଜଳେଶ୍ୱର ଥାନା ଅଧିନସ୍ଥ ପଶ୍ଚିମବାଡ,ସୁଗୋ,ରାଜପୁର ଓ ରାଇବଣିଆ ଥାନାର ଚଫଲାଗାଁ ହେଉଛି ଗଞ୍ଜେଇର ଷ୍ଟକ ପଏଣ୍ଟ । ବୌଦ୍ଧରୁ ଆସୁଥିବା ଗଞ୍ଜେଇ କିଲୋ ପିଛା କିଣା ମୂଲ୍ୟ ୧୦ ହଜାର ହୋଇଥିବା ବେଳେ ଫୁଲବାଣୀରୁ ଆସୁଥିବା ଗଞ୍ଜେଇର କିଣା ମୂଲ୍ୟ ୭ ହଜାର ଟଙ୍କା ରହିଛି । କିନ୍ତୁ ଜଳେଶ୍ୱରର ବେପାରୀମାନେ ଏହାକୁ ଦୁଇ ଗୁଣା ମୂଲ୍ୟରେ ବିକ୍ରି କରୁଛନ୍ତି । କୁହାଯାଇଛି ଜଳେଶ୍ୱର ବିଭିନ୍ନ ପାନବିଡି, ଚା, ଜଳଖିଆ, ତେଜରାତି ଆଦି ଦୋକାନରେ ଖୋଲାଖୋଲି ଗଞ୍ଜେଇ ବିକ୍ରି ହେଉଛି । ଯେକୌଣସି ଦୋକାନରେ ୨/୩ କିଗ୍ରା ଗଞ୍ଜେଇ ରଖିବା ଏକ ସାଧାରଣ କଥା ହୋଇଛି । ଜଳେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାଇରାମ ହୋଟେଲ ସନ୍ନିକଟ ଦୁଇଟି ପାନବିଡି ଦୋକାନ ରେ ଖୋଲାଖୋଲି ଗଞ୍ଜେଇ ବିକ୍ରି ହେଉଛି ।ସେହିପରି ବ୍ଲକ ବଜାର, ହାଟ ଭିତରେ ଥିବା ଏକ ଭୁଗୁନି ଦୋକାନ, ପଥରପୁରାର ଦୁଇ ଜଣକ ଘରେ, ନୂଆବଜାର ତାରିଣୀ ଛକ, ଆମ୍ବଳିଅଠା ବାଇପାସ୍ ଆଦି ସ୍ଥାନରେ ଗଞ୍ଜେଇ ବିକ୍ରି ସହ ଗଞ୍ଜେଇ ସେବନ ପାଇଁ ସବୁପ୍ରକାର ବ୍ୟବସ୍ଥା ରହିଛି । ବିଶେଷ କରି ଗଞ୍ଜେଇ ଟାଣିବା ପାଇଁ କାଗଜରେ ତିଆରି ଏକ ସ୍ୱତନ୍ତ୍ର ଚିଲମ ଯାହାର ନାମ ଗୋଗ ଏବେ ଖୋଲାଖୋଲି ଭାବେ ବିକ୍ରି ହେଉଛି । ଆଉ ଏହାକୁ କିଣୁଥିବା ଗ୍ରାହକଙ୍କ ତାଲିକାରେ ଅଧିକ ସଙ୍ଖ୍ୟକ ଯୁବ ବର୍ଗ ରହିଛନ୍ତି ବୋଲି ଗୋଗ ବିକ୍ରି କରୁଥିବା ଜଣେ ବ୍ୟବସାୟୀ ପ୍ରକାଶ କରିଛନ୍ତି ।ଜଳେଶ୍ୱର ସହରର ଜଣେ କୁଖ୍ୟାତ ବ୍ରାଉନସୁଗର ବେପାରୀ ଯିଏ ଏବେ ଜେଲ ରେ ଅଛି ତାର ଶଳା ପଥରପୁରା ଗ୍ରାମର, ସେ ଏବେ ଜଳେଶ୍ୱର ଅଞ୍ଚଳର ବଡ ବେପାରୀ ବୋଲି ଆଲୋଚନା ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଜଳେଶ୍ୱରକୁ ଯେତିକି ଗଞ୍ଜେଇ ଆସୁଛି ତାର ଦୁଇ ଗୁଣା ଏଠାକାର ବେପାରୀଙ୍କ ଦ୍ୱାରା ସିଧା ପଶ୍ଚିମବଙ୍ଗ ଚାଲାଣ କରାଯାଉଛି । ପଶ୍ଚିମବଙ୍ଗର କୋଲକାତା, ଖଡଗପୁର, ବେଲଦା, ଦାନ୍ତୁନ, ବୋଡେଇ, ମୋହନପୁର, ଏଗ୍ରା, ଦୀଘା, କାନ୍ଥି, ଖଡିକା ଆଦି ସ୍ଥାନକୁ ଜଳେଶ୍ୱରର ବେପାରୀମାନେ ବିପୁଳ ପରିମାଣରେ ଗଞ୍ଜେଇ ପଠେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ।ହେଲେ ପ୍ରଶାସନ ପକ୍ଷରୁ ଗଞ୍ଜେଇ ବେପାର ଉପରେ ରୋକ ଲଗାଇବା ପାଇଁ ସେମିତି କିଛି କାର୍ଯ୍ୟାନୁଷ୍ଠାନ ନିଆ ଯାଉନି । ଅବକାରୀ ବିଭାଗ ଓ ପୁଲିସ ଚୋରା ଗଞ୍ଜେଇ କାରବାର ଓ ବେପାରୀଙ୍କ ବାବଦରେ ସାମାନ୍ୟ ଟେର ବି ପାଉନାହିଁ ।ଫଳରେ ଗଞ୍ଜେଇ ବେପାରୀ ମାନେ କଳା ଧନ ରୋଜଗାର କରି ବ୍ୟାଙ୍କ ବାଲାନ୍ସ ବଢ଼ାଇବା ସହ ଜମିଜମା କିଣି ଚାଲିଛନ୍ତି ।

## ଯାତାୟାତ ଯନ୍ତ୍ରଣା ଅସହ୍ୟ, ନୂତନ ରାସ୍ତା ନିର୍ମାଣ ପାଇଁ ଦାବି

ଗଜପତି(ମହାଭାରତ): ପ୍ରଭାବିତ ଅଧିବାସୀଙ୍କ ବିରୋଧ ମଧ୍ୟରେ ପ୍ରଶାସନ ଖଣି ପାଇଁ ଲାଞ୍ଜିବେର୍ଣ୍ଣାର ୨୭.୨୬ ଏକର ଜମି କମ୍ପାନିକୁ ହସ୍ତାନ୍ତର କରିଥିବା ବେଳେ ବୁଧବାର ସକାଳେ ସେଠାରେ ରାସ୍ତା ନିର୍ମାଣ ପାଇଁ ବ୍ୟାପକ ପୁଲିସ ବଳ ମଧ୍ୟରେ ପ୍ରଶାସନ ଓ କମ୍ପାନି ଅଧିକାରୀ ପହଞ୍ଚିଥିଲେ । ସୂଚନା ପାଇବା ପରେ କେଶ୍ରମାଲ, ଝଗରପୁର, ଅଲଣ୍ଡା, ବିହାବନ୍ଧ, ଲାଞ୍ଜିବେର୍ଣ୍ଣା, ଖଟଙ୍ଗ, କୁକୁଡ଼ା ଆଦି ଅଞ୍ଚଳର ଆଦିବାସୀ ପ୍ରଜା ଆସି ରାସ୍ତା କାମକୁ ବିରୋଧ କରିଥିଲେ । ଫୋରମ୍ ଫର୍ ଗ୍ରାମସଭା କମିଟି ସଭାପତି ବିବୋଲ ଟପ୍ପୋ, ଆବାହକ ଆଲବର୍ଟ କିଣ୍ଡୋ, କେଶ୍ରମାଲ ସରପଞ୍ଚ ବିନୟ ଭୂଷଣ ବାର୍ଲା, ଝଗରପୁର ସରପଞ୍ଚ ଲଳିତ ଲାକଡ଼ାଙ୍କ ସମେତ ଅନ୍ୟମାନେ ବିନା ଗ୍ରାମସଭାରେ ଜମି ଅଧିଗ୍ରହଣ କରାଯାଇଥିବା ଅଭିଯୋଗ କରି ପ୍ରଶାସନ ସମସ୍ତ ତଥ୍ୟ ଲୋକଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଜିଦ୍ କରିଥିଲେ । ପୁଲିସ ସେମାନଙ୍କୁ ଘଉଡ଼ାଇବା ସହ ଆଦିବାସୀ ନେତା ବେନେଡିକ ର୍ତିକି, ମନୋହର ଟପ୍ପୋଙ୍କ ସମେତ ମୋଟ ୧୪ ଜଣଙ୍କୁ ନେଇ କୁତ୍ରା ଥାନାରେ ଅଟକ ରଖିଥିଲା । ପରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ । ନୀତିନିୟମ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇଛି ଓ କମ୍ପାନିକୁ କେଣସି ଅନୁକମ୍ପା ପ୍ରଦର୍ଶନ କରାଯାଇନାହିଁ ବୋଲି ଜିଲ୍ଲା ପ୍ରଶାସନ କହିଛି ।ଅନ୍ୟପଟେ ଜମି ଅଧିଗ୍ରହଣକୁ ବେଆଇନ ଦର୍ଶାଇ ୨୦୨୨ରେ ଫୋରମ୍ ଫର୍ ଗ୍ରାମସଭା କମିଟି ସଭାପତି ବିବୋଲ ଟପ୍ପୋଙ୍କ ସମେତ ୧୧ ଜଣ ପ୍ରଭାବିତ ହାଇକୋର୍ଟରେ ଏକ ମାମଲା ଦାଏଲ କରିଥିଲେ । ମାମଲାରେ କୋର୍ଟ କମ୍ପାନି ସପକ୍ଷରେ ରାୟ ଦେଇଛନ୍ତି । ଏହା ଗାଁ ଲୋକଙ୍କୁ ଜଣାଅଛି ବୋଲି କମ୍ପାନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ କହିଛନ୍ତି । ଘଟଣାସ୍ଥଳରେ ସୁନ୍ଦରଗଡ଼ ଓ କେନ୍ଦୁଝରର ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ୧୨ ପ୍ଲାଟୁନ୍ ପୁଲିସ ବଳ ମୁତୟନ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ଜମି ଅଧିଗ୍ରହଣକୁ ବିରୋଧ କରି ୫ଟି ପଞ୍ଚାୟତର ଲୋକେ ୨୦୨୫ ଡିସେମ୍ବର ଓ ଜାନୁଆରିରେ ଆନ୍ଦୋଳନ କରିଥିଲେ । ପୁଲିସ ସହ ମୁହାଁମୁହିଁ ହେବା ପରେ ପ୍ରତିବାଦରେ ୧୦ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ ।

## ଗଞ୍ଜେଇ ତେଲ କାରଖାନା: ୨୦୦ କୋଟି ଟଙ୍କାର ତେଲ ଜବତ

କୋରାପୁଟ: ଜଲାପୁଟ ଜଳଭଣ୍ଡାରର ଗୋଟିଏ ଦ୍ୱୀପରୁ ନିୟନ୍ତ୍ରଣ ହେଉଥିଲା ଗଞ୍ଜେଇ ବ୍ୟବସାୟର ସାମ୍ରାଜ୍ୟ । ଦୈନିକ ଶହ ଶହ କିଲୋ ଗଞ୍ଜେଇ ଏହି ଦ୍ୱୀପରେ ପହଞ୍ଚୁଥିଲା । କିନ୍ତୁ ଏଠାରେ ଗଞ୍ଜେଇ ତେଲ ପ୍ରସ୍ତୁତ କରାଯାଇ ବୋତଲ ଓ ପାଉଚ୍ରେ ମାଫିଆଙ୍କ ନିକଟକୁ ଯାଉଥିଲା । ଘଞ୍ଚ ଜଙ୍ଗଲରେ ଚାଲିଥିବା ନୀଳ ଜହରର ବିଶାଳ ନେଟ୍ୱର୍କକୁ ଶେଷରେ ଧ୍ୱଂସ କରିଛି କୋରାପୁଟ ପୁଲିସ । ୧୮୦୦ ଲିଟର ଗଞ୍ଜେଇ ତେଲ ଜବତ କରଯାଇଛ । ଯାହାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ହେବଆଜି ଏସ୍ପି ରୋହିତ ବର୍ମା ସାମ୍ବାଦିକ ସମ୍ମିଳନୀ କରି ଗଞ୍ଜେଇ ଚାଲାଣ ରୋକିବାରେ ମିଳିଥିବା ବଡ଼ ସଫଳତା ବିଷୟରେ ସୂଚନା ଦେଇଛନ୍ତି । କିଛି ମାସ ତଳେ ଜୟପୁର ଅଞ୍ଚଳରୁ ପୁଲିସ ଗୋଟିଏ ଲିଟର ଗଞ୍ଜେଇ ତେଲ ଜବତ କରିଥିଲା ।

## ୨ ଚୋରା କ୍ରୋମାଇଟ୍ ବୋଝେଇ ହାଇୱା ଜବତ



କାଳିଆପାଣି/ଟମକା: ଯାଜପୁରଜିଲ୍ଲା ଟମକା ଥାନା ଟମକା ବଜାର ଛକ ପାଖରେ ଗତ ୨୦ ତାରିଖ ଦ୍ରୁତଗତିରେ ଯାଉଥିବା ୨ଟି ହାଇୱା(ଓଡି-୩୪ଏଲ୍-୭୯୦୭ ଓ ଓଡି-୦୨ବିପି-୨୧୨୨)କୁ ସ୍ଥାନୀୟ ଲୋକେ ଅଟକାଇ ପୁଲିସ ଜିମା ଦେଇଥିଲେ । ପୁଲିସ ଏହାକୁ ଜବତକରି ଥାନା ପରିସର ନେବାରେ ୨ଟିଯାକ ହାଇୱାରେ କ୍ରୋମାଇଟ୍ ବୋଝେଇ ହୋଇଥିବା ଦେଖାଯାଇଥିଲା । ସଂପୃକ୍ତ ଡ୍ରାଇଭର ଦ୍ୱୟ କ୍ରୋମ୍ ବୋଝେଇ କିମ୍ବା ଚାଲାଣ ସଂପର୍କିତ କାଗଜାତ୍ ଦେଖାଇ ପାରିନଥିଲେ । ଏହା ଚୋରା କ୍ରୋମାଇଟ୍ ବୋଲି ସ୍ପଷ୍ଟ ହେବାରେ ପୁଲିସ ସ୍କାନରରେ ଥିବା ସଂପୃକ୍ତ ମାଲିକ ଦ୍ୱୟ ମଧ୍ୟ ଏ ସଂପର୍କିତ ବେଧ ଦସ୍ତାବିଜ ଦାଖଲ କରିପାରିନଥିଲେ ।ତେବେ ସେଦିନ ସେଠାରୁ ସବା ଆଗରେ ଥିବା ଅନ୍ୟ ଚୋରା କ୍ରୋମାଇଟ୍ ହାଇୱା ଦ୍ରୁତଗତିରେ ଡୁବୁରି ଆଡ଼କୁ ଖସି ପଳାଇଥିଲା । ପୁଲିସ ପକ୍ଷରୁ ସବୁ ସୀମାନ୍ତ ଥାନାକୁ ସୂଚନା ଦିଆଯାଇଥିଲେ ହେଁ ବାଟରୁ ଏହି ହାଇୱା ଉଭାନ୍ ହୋଇଯାଇଥିଲା । ଥାନା ଅଧିକାରୀ ବିନତୀ ଦାସ ଏ ସଂପର୍କରେ ଖଣି ବିଭାଗ ଯାଜପୁରରୋଡ଼ ସର୍କଲକୁ ଅବଗତ କରାଇଥିଲେ । ଖଣି ଉପନିର୍ଦ୍ଦେଶକ ପବିତ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ଧ୍ରୁବ ଚରଣ ଜେନା ଓ କନିଷ୍ଠ ଖଣି ଅଧିକାରୀ କାହ୍ନୁ ଚରଣ ଦେହୁରୀ ଟମକା ଥାନାକୁ ଆସି ଜବତ ୨ ହାଇୱାରୁ ନମୁନା ସଂଗ୍ରହ କରିଥିଲେ । ଚୋରା କ୍ରୋମ୍ ଉତ୍ତୋଳନ ଉତ୍ସ ଠାବ ପାଇଁ ତନାଘନା କରାଯାଇଥିଲା । ଥାନା ଅଧିକାରୀ ଓ ୨ ଖଣି ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ମାଇନିଂ ଏନଫୋର୍ସମେଣ୍ଟ୍ ସ୍କ୍ୱାଡ୍ କାଳିଆପାଣି ଥାନା କଅଁସ ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଯୁଗ୍ମ ଚଢ଼ଉ କରିଥିଲାୟ ସେଠାରେ ଏକ ଚୋରା କ୍ରୋମାଇଟ୍ ଡିପୋ ସନ୍ଧାନ ମିଳିଥିଲା ।ଏହି ଚୋରା ଡିପୋ ଜଙ୍ଗଲ କିସମ ଜମିରେ ଥିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗକୁ ଅବଗତ କରାଯାଇଥିବା ସୂଚନା ମିଳିଛି । ୧୯୯୦ ମସିହାରୁ ୩୦ ବର୍ଷ ଧରି ଉକ୍ତ ଜାଗା ଜଣେ ଠିକାଦାରଙ୍କ ଅକ୍ତିଆରରେ ଥିଲା ବୋଲି ଗ୍ରାମବାସୀ କହନ୍ତି ମାଇନିଂ ଏନ୍ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ପକ୍ଷରୁ ଏହି ଚୋରା ଡିପୋ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା କୁହାଯାଇଛି । ସେହିପରି ଖଣିଜ ଚୋରି ବୋଲି ନିଶ୍ଚିତ ହେବା ପରେ ଏସ୍ପି ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶରେ କଳିଙ୍ଗନଗର ଏଏସ୍ପି ସୁପ୍ରସନ୍ତ ମଲ୍ଲିକଙ୍କ ପରାମର୍ଶରେ ପୁଲିସ ନିଜ ଆଡୁ ଏକ କେସ୍ ୧୯/୨୬ ରୁଜୁ କରିଥିବା ସୂଚନା ମିଳିଛି । ଦଫା ୩୦୩(୨), ୩(୫) ଓ ଏମ୍ଏମ୍ଡିଆର୍ ଆକ୍ଟ ୨୧ ଆଧାରରେ ତଦନ୍ତ ଜାରି ରହିଥିବା ଓ ୨ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୁଶ୍ରୀ ଦାସ କହନ୍ତି ।ଦୁର୍ମୂଲ୍ୟ ଧାତବ ଖଣିଜ କ୍ରୋମାଇଟ୍ର ଅନ୍ତର୍ଜାତୀୟ ଦର ବୃଦ୍ଧିହୋଇ ଏବେ ମେଟ୍ରିକ୍ ଟନ ପିଛା ୩୦ ହଜାର ଟଙ୍କା ଛୁଇଁଥିବାରୁ ମାଫିଆ ପୁଣି ସକ୍ରିୟ ହୋଇଥିବା ଜଣାପଡ଼ିଛି । ଡିପୋର ମାଟି ତଳେ ଗାତ ଖୋଳାଯାଇ ଚୋରା କ୍ରୋମାଇଟ୍ ଗଚ୍ଛିତ ରଖାଯାଇଥିବା ସନ୍ଦେହ କରାଯାଉଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଖଣି ବିଭାଗ, ପୁଲିସ, ବନ ବିଭାଗ ଓ ରାଜସ୍ୱ ବିଭାଗକୁ ନେଇ ଗଠିତ ମାଇନିଂ ଏନ୍ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ପକ୍ଷରୁ ଯୁଗ୍ମ ତଦନ୍ତ ପରେ ଏଠାରୁ ଚୋରା କ୍ରୋମ୍ ଉତ୍ତୋଳନ ଓ ଚାଲାଣ ଉପରୁ ପରଦା ହଟିବ ବୋଲି ଖଣି ବିଭାଗ ପକ୍ଷରୁ କୁହାଯାଇଛି ।

## ସୁଦଶା ବ୍ରତ ପାଇଁ ପାଣି ଆଣିବାକୁ ଯାଇ କଟୁରୀ ଚୋଟ ଖାଇଲେ ମହିଳା

ଭୁବନ: ଢେଙ୍କାନାଳଜିଲ୍ଲା କାମାକ୍ଷାନଗର ଥାନା ଭୁବନ ବ୍ଲକ ଦିଘି ଗ୍ରାମ ପଞ୍ଚାୟତ ମୁଗୁପଦା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗ୍ରାମରେ ଜୟଦେବ ନାୟକଙ୍କ ପତ୍ନୀ ପ୍ରତିମା ନାୟକ ଗୁରୁବାର ସକାଳେ ସୁଦଶା ବ୍ରତ ପାଇଁ ଘର ନିକଟରେ ଥିବା ପାଇପରୁ ପାଣି ନେଉଥିବାବେଳେ ହଠାତ ଗ୍ରାମର ଜଣେ ଅସାମାଜିକ ଯୁବକ ପ୍ରତିମାକୁ ଏକ କଟୁରୀରେ ଆକ୍ରମଣ କରିଥିଲେ ।ପ୍ରଥମେ ବେକକୁ ଓ ପରେ କାନ୍ଧକୁ ହାଣିଦେବାରୁ ମହିଳା ପଡିଯାଇଥିଲେ । ପରେ ଗ୍ରାମବାସୀମାନେ ମହିଳାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ହେଲେ କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ । ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।


## ସୁଦଶା ବ୍ରତ ପାଇଁ ପାଣି ଆଣିବାକୁ ଯାଇ କଟୁରୀ ଚୋଟ ଖାଇଲେ ମହିଳା




ଭୁବନ: ସୁଦଶା ବ୍ରତ ପାଇଁ ପାଣି ଆଣିବାକୁ ଯାଇ କଟୁରୀ ଚୋଟ ଖାଇଲେ ମହିଳା ଭୁବନ । ଢେଙ୍କାନାଳଜିଲ୍ଲା କାମାକ୍ଷାନଗର ଥାନା ଭୁବନ ବ୍ଲକ ଦିଘି ଗ୍ରାମ ପଞ୍ଚାୟତ ମୁଗୁପଦା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗ୍ରାମରେ ଜୟଦେବ ନାୟକଙ୍କ ପତ୍ନୀ ପ୍ରତିମା ନାୟକ ଗୁରୁବାର ସକାଳେ ସୁଦଶା ବ୍ରତ ପାଇଁ ଘର ନିକଟରେ ଥିବା ପାଇପରୁ ପାଣି ନେଉଥିବାବେଳେ ହଠାତ ଗ୍ରାମର ଜଣେ ଅସାମାଜିକ ଯୁବକ ପ୍ରତିମାକୁ ଏକ କଟୁରୀରେ ଆକ୍ରମଣ କରିଥିଲେ ।ପ୍ରଥମେ ବେକକୁ ଓ ପରେ କାନ୍ଧକୁ ହାଣିଦେବାରୁ ମହିଳା ପଡିଯାଇଥିଲେ । ପରେ ଗ୍ରାମବାସୀମାନେ ମହିଳାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ହେଲେ କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ ୟ ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

# ନାଳିଫିତା ତଳେ ଘୁ.ଉଦୟଗିରି ବାଇପାସ ରାସ୍ତା ନିର୍ମାଣ



ଘୁ.ଉଦୟଗିରି :କନ୍ଧମାଳ ଜିଲ୍ଲାର ପୁରାତନ ସହର ଘୁ.ଉଦୟଗିରି । ସହର ମଧ୍ୟଦେଇ ଯାଇଛି ରାଜ୍ୟ ରାଜପଥ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ଯାତାୟତ କରୁଛି । ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରରୁ କଳାହାଣ୍ଡି, ରାୟଗଡ଼ା ପ୍ରଭୃତି ଜିଲ୍ଲାର ପ୍ରମୁଖ ସହରକୁ ମାଲବାହୀ ଟ୍ରକ୍, ଯାତ୍ରୀବାହୀ ବସ୍, ଚାରି ଚକିଆ ଯାନ ବହୁଳ ମାତ୍ରାରେ ସହର ଦେଇ ଯାତାୟତ ହେଉଥିବା ବେଳେ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଲାଣି । ସହର ଦେଇ ଯାଇଥିବା ରାଜ୍ୟରାଜପଥ ଅଣଓସରିଆ ଥିବା ଯୋଗୁଁ ପ୍ରତ୍ୟେକ ଦିନ କିଛିନା କିଛି ଦୁର୍ଘଟଣା ଘଟୁଛି ।ସହରରେ ଲାଗିରହିଥିବା ଏଭଳି ଟ୍ରାଫିକ ସମସ୍ୟା ସାଙ୍ଗକୁ ଦୁର୍ଘଟଣାକୁ ନେଇ ସହରବାସୀଙ୍କୁ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ସମସ୍ୟାକୁ ସରକାର ପ୍ରଶାସନ ନିଜଟରେ ସହରବାସୀ ବିଭିନ୍ନ ସମୟରେ ଉଥାପନ କରିବା ସହ ରାଜ୍ୟ ସରକାରଙ୍କୁ ଲିଖିତ ଦାବି ପତ୍ର ପ୍ରଦାନ କରିଚାଲିଛନ୍ତି । ଘୁ.ଉଦୟଗିରି ସହରରେ ଏବି ବାଇପାସ ରାସ୍ତାର ଆବଶ୍ୟକତା ଅଛି ଏଣୁ ତୁରନ୍ତ ନିର୍ମାଣ କରାଯାଉ । କିନ୍ତୁ ରାଜ୍ୟ ସରକାର ସହରବାସୀଙ୍କ ଏହି ଦାବୀକୁ ଅଣଦେଖା କରିଆସୁଛନ୍ତି । ସହରବାସୀଙ୍କ ଦାବୀର ଯାତାର୍ଥତା ଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁଁ ସମସ୍ୟାରେ ଯୁଝି ହେଉଛନ୍ତି ସହରବାସୀ । ଏଭଳି ଦାବି ସାକାର କରିବାରେ ପ୍ରଶାସନିକ ଅବହେଳା ନା ରାଜନୈତିକ ନେତାଙ୍କ ଅପାରଗତା ଦାୟୀ ସାଧାରଣରେ ଏହାକୁ ନେଇ ଚର୍ଚ୍ଚ ଜୋର ଧରିଛି ।ଘୁ.ଉଦୟଗିରି ସହର ବାସୀଙ୍କ ବାଇପାସ ରାସ୍ତା ନିର୍ମାଣ ଦାବିର ଜତାର୍ଥତାକୁ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ, ସାଂସଦ ତୁରନ୍ତ ଏହି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି । ୨୦୨୨ମସିହା ରେ ତତ୍କାଳୀନ ବିଧାୟକ, ପ୍ରଶାସନିକ ଅଧିକାରୀ ଘୁ.ଉଦୟଗିରି ସହରରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ପୂର୍ତ୍ତ ବିଭାଗ ଯନ୍ତ୍ରୀ ନୂତନ ରାସ୍ତା ନିର୍ମାଣ ପାଇଁ ସର୍ଭେ କରିବା ସହ ରାଜସ୍ୱ ବିଭାଗ ର ସହଯୋଗ ଲୋଡ଼ିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯିବା ସହ ସ୍କେଚ ମ୍ୟାପ ପ୍ରସ୍ତୁତ କରାଯାଇ ପୂର୍ତ୍ତ ବିଭାଗ କୁ ପ୍ରଦାନ କରିବା ପରେ ପୂର୍ତ୍ତ ବିଭାଗ ଅଧିକାରୀ ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରି ତାର ସମସ୍ତ ରୂପରେଖ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଯୋଜନା ଯୋଜନା ରେ ରହିଯାଇଛି ।ସରକାରୀ ନାଳିଫିତା ତଳେ ରହିଯାଇଛି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ।ଇତି ମଧ୍ୟରେ ସରକାର ବଦଳି ଦୁଇବର୍ଷ ହେବ ହେଲେ କାର୍ଯ୍ୟର ନାଁ ଗନ୍ଧ ନାହିଁ । ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ବାରମ୍ବାର ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ଦୌଡୁଛନ୍ତି ବାଇପାସ ରାସ୍ତା ନିର୍ମାଣ ପାଇଁ ହେଲେ କିଛି ସୁଫଳ ମିଳିନି । ଚଳିତ ବର୍ଷ ବଜେଟ ଆଗତ ହେବା ସହ ଦୁଇ ଦିନ ତଳେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ରାଜ୍ୟର ବିଭିନ୍ନ ସହରର ବାଇପାସ ରାସ୍ତା ନିର୍ମାଣ ପାଇଁ ସମୀକ୍ଷା କରିଛନ୍ତି ହେଲେ ଘୁ.ଉଦୟଗିରି ବାଇପାସ ରାସ୍ତାର ନାଁ ଗନ୍ଧ ନାହିଁ କୌଣସି ଥିରେ । ନା ବଜେଟରେ ନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ।

# ବିବାହ ଉତ୍ସବରୁ ଫେରୁଥିବା ବେଳେ ପିକଅପ୍ ଦେଲା ଧକ୍କା, ୩ ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ମହୋବାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣା ଯୋଗୁଁ ୩ଟି ପରିବାରର ଖୁସି ଉଜୁଡ଼ିଯାଇଛି । ବିବାହରୁ ଖାଇବା ତିଆରି କରି ଫେରୁଥିବା ବେଳେ ୫ ଜଣ ମହିଳାଙ୍କୁ ଏକ ପିକଅପ୍ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ଜୀବନ ଚାଲିଯାଇଛି । ଅନ୍ୟ ୨ ଜଣ ଆହତ ରହିଛନ୍ତି । ପୋଲିସ ପିକଅପ୍ ଡ୍ରାଇଭରକୁ ଗିରଫ କରିଛି । ଘଟଣାର ସିସିଟିଭି ଫୁଟେଜ ଭାଇରାଲ ହେଉଛି । କାନପୁର-ସାଗର ଜାତୀୟ ରାଜମାର୍ଗରେ ଗତରାତିରେ ଏହି ଦୁର୍ଘଟଣା ଘଟିଛି । ଭଟିପୁରାରେ ଏଆରଟିଓ ଅଫିସ ନିକଟରେ ଅନିୟନ୍ତ୍ରିତ ଏବଂ ଦ୍ରୁତ ପିକଅପ୍ ଭ୍ୟାନ୍ ଧକ୍କା ଦେଉଥିବା ଫୁଟେଜ ସାମ୍ନାକୁ ଆସିଛି । ମହିଳାମାନେ ରାସ୍ତାରେ ଚାଲିକି ଯାଉଥିବା ବେଳେ ପଛରୁ ଗାଡ଼ିଟି ଧକ୍କା ଦେଇଥିଲା । ହୋଟେଲ ମିରା ପ୍ୟାଲେସରେ ବିବାହ ଉତ୍ସବରୁ ରୋଷେଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଘଟଣାରେ ୩ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ରହିଛନ୍ତି । ଏମାନେ କାମ କରି ନିଜ ଘର ଚଳାନ୍ତି । ଧକ୍କା ଦେଇଥିବା ଗାଡ଼ିକୁ ପୋଲିସ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି । ଘଟଣା ବିଷୟରେ ସୂଚନା ପାଇ ସଦର ବିଧାୟକ ରାକେଶ ଗୋସ୍ୱାମୀ ଜିଲ୍ଲା ହସପିଟାଲକୁ ଆସିଥିଲେ । ଶୋକାକୁଳ ପରିବାରକୁ ଯଥାସମ୍ଭବ ସରକାରୀ ସହାୟତା ଦେବାକୁ ଆଶ୍ୱାସନା ଦେଇଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

# ଅନୁପ୍ରବେଶକାରୀଙ୍କୁ ଖୋଜି ଖୋଜି ଦେଶାନ୍ତର କରାଯିବ: ଗର୍ଜିଲେ ଶାହ

ପାଟନା: ବିହାରର ଆରାରିଆ ଜିଲ୍ଲାର ଭାରତ-ନେପାଳ ସୀମାନ୍ତ ଲେଟି ସୀମାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏସ୍ଏସ୍‌ବି ଶିବିରର ଉଦ୍‌ଘାଟନ କରିଛନ୍ତି । ସୀମା ସୁରକ୍ଷା ପାଇଁ ଏହି ଏସ୍ଏସ୍‌ବି ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଦ୍‌ଘାଟନ ସମୟରେ ସେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତି । ଅମିତ ଶାହ କହିଛନ୍ତି, ଆମେ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଭାରତୀୟ ମାଟିରୁ ବିତାଡିତ କରିବା ପାଇଁ କାମ କରିବୁ । ସେମାନଙ୍କୁ ଖୋଜି ଖୋଜି ଦେଶରୁ ବାହାର କରାଯିବ । ନିର୍ବାଚନ ସମୟରେ ଆମେ ବିହାରର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ, ଆମେ ବିହାରକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବୁ । ଏହାର ଅର୍ଥ କେବଳ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ବାଦ୍ ଦେବା ନୁହେଁ । ଆମେ ପ୍ରତି ଅନୁପ୍ରବେଶକାରୀଙ୍କୁ ଭାରତ ମାଟିରୁ ବାହାର କରିବାକୁ ସଂକଳ୍ପବଦ୍ଧ ।

ଗୃହମନ୍ତ୍ରୀ କହିଛନ୍ତି, ବିଜେପି ଏବଂ ଆମ ସରକାର ସ୍ପଷ୍ଟ କରିବାକୁ ଚାହୁଁଛନ୍ତି ଯେ, ଏହି ପ୍ରତିଶ୍ରୁତି ନିର୍ବାଚନ ପ୍ରତିଶ୍ରୁତି ନଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ସମଗ୍ର ଦେଶକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ । ଏହା ଖୁବ୍ ଶୀଘ୍ର ସୀମାଞ୍ଚଳ ଅଞ୍ଚଳରେ ଆରମ୍ଭ ହେବ । ମୁଁ ନିଜେ ନିର୍ବାଚନ ସମୟରେ ସୀମାଞ୍ଚଳରେ ଚାରି ଦିନ ବିତାଇଥିଲି, ଅନେକ ଜିଲ୍ଲା ଗସ୍ତ କରିଥିଲି । ସମଗ୍ର ସୀମାଞ୍ଚଳ ଅଞ୍ଚଳକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲି । ସାଧାରଣତଃ ନେତାମାନଙ୍କୁ ସେମାନଙ୍କର ପ୍ରତିଶ୍ରୁତି ଜନତାଙ୍କୁ ମନେ ପକାଇବାକୁ ପଡ଼ିଥାଏ, କିନ୍ତୁ ଆଜି ମୁଁ ସୀମାଞ୍ଚଳର ଲୋକମାନଙ୍କୁ ମୋର ନିଜ ପ୍ରତିଶ୍ରୁତି ମନେ ପକାଇବାକୁ ଚାହୁଁଛି କାରଣ ମୋତେ ସେମାନଙ୍କର ସମର୍ଥନ ଆବଶ୍ୟକ । ଅନୁପ୍ରବେଶକାରୀମାନେ କେବଳ ନିର୍ବାଚନକୁ ପ୍ରଭାବିତ କରନ୍ତି ନାହିଁ, ସେମାନେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ରାସନ ମଧ୍ୟ ଚୋରି କରନ୍ତି । ସେମାନେ ଯୁବବର୍ଗମାନଙ୍କ ନିଯୁକ୍ତି ସମ୍ଭାବନାକୁ ହ୍ରାସ କରିବା ସହ ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥାନ୍ତି । ସାରା ଦେଶରେ ଏହି ସମସ୍ୟାର ସମାଧାନ ହେବ । ଭାରତକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବା ପାଇଁ ଅଭିଯାନ ହାତକୁ ନେବାର ସମୟ ଆସିଛି । ଅମିତ ଶାହ କହିଛନ୍ତି, ଏହି ଅଭିଯାନର ଅଂଶ ସ୍ୱରୂପ ସୀମାର ୧୦ କିଲୋମିଟର ମଧ୍ୟରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ଭାଙ୍ଗି ଦିଆଯିବ ଓ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପାଇଁ ମଧ୍ୟ ପ୍ରୟାସ କରାଯିବ । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଜନସଂଖ୍ୟାଗତ ପରିବର୍ତ୍ତନ କୌଣସି ଦେଶ ପାଇଁ ଏକ ସୁସ୍ଥ ସମାଜ ସୃଷ୍ଟି କରେ ନାହିଁ । ଜବରଦଖଲ ଏବଂ ବେଆଇନ ପ୍ରବାସନ ଦ୍ୱାରା ହେଉଥିବା ପରିବର୍ତ୍ତନ ଦେଶର ସଂସ୍କୃତି, ଇତିହାସ ଓ ଭୂଗୋଳ ପାଇଁ ଅତ୍ୟନ୍ତ ବିପଜ୍ଜନକ । ତେଣୁ, ସରକାର ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ଏକ ଉଚ୍ଚସ୍ତରୀୟ କମିଟି ହାଇ ପାୱାର ଡେମୋଗ୍ରାଫିକ୍ ମିଶନ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କମିଟି ସୀମାନ୍ତ ଅଞ୍ଚଳ ସମେତ ସମଗ୍ର ଦେଶର ଜନସଂଖ୍ୟା ଗଠନରେ ପରିବର୍ତ୍ତନକୁ ନିକଟରୁ ଅଧ୍ୟୟନ କରିବ ଏବଂ ଏହାକୁ ସନ୍ତୁଳିତ କରିବା ପାଇଁ ଭାରତ ସରକାରଙ୍କୁ ପଦକ୍ଷେପ ସୁପାରିଶ କରିବ । ଜନସଂଖ୍ୟାଗତ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକ ହେଉଛି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର । ବର୍ତ୍ତମାନ ପଶ୍ଚିମବଙ୍ଗରେ ନିର୍ବାଚନ ହୋବକୁ ଯାଉଛି । ମୁଁ ନିଶ୍ଚିତ ଯେ ବିଜେପି ସେଠାରେ ସରକାର ଗଠନ କରିବ । ସରକାରଙ୍କ ପ୍ରାଥମିକ ଏଜେଣ୍ଡା ହେବ ସୀମାରେ ବାଡ଼ ନିର୍ମାଣ ସମାପ୍ତ କରିବା ଏବଂ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ବାହାର କରିବା ।

# ୧ଏପ୍ରିଲରୁ ପେଟ୍ରୋଲ ପମ୍ପରେ ୨୦ପ୍ରତିଶତ ଇଥାନଲ୍ ମିଶ୍ରିତ ଇନ୍ଧନ ବାଧ୍ୟତାମୂଳକ

ନୂଆଦିଲ୍ଲୀ: ପ୍ରଦୂଷଣ ହ୍ରାସ କରିବା ଓ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏପ୍ରିଲ ୧ ତାରିଖରୁ ସାରା ଦେଶରେ ୨୦ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ (ଇ-୨୦) ମିଶ୍ରିତ ପେଟ୍ରୋଲ ବିକ୍ରୟ ପାଇଁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି ତୈଳ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ଅନୁଯାୟୀ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ତୈଳ ଯୋଗାଣ କମ୍ପାନୀଗୁଡ଼ିକୁ ସର୍ବାଧିକ ୨୦ ପ୍ରତିଶତ ଇଥାନଲ୍ ଯୁକ୍ତ ପେଟ୍ରୋଲ ବିକ୍ରୟ କରିବାକୁ ପଡିବ । ଏହି ଇନ୍ଧନରେ ସର୍ବନିମ୍ନ ୯୫ ଆରଓଏନ୍ (ରିସର୍ଚ୍ଚ ଅକ୍ଟାନ୍ ନମ୍ବର) ରହିବା ମଧ୍ୟ ଆବଶ୍ୟକ । ଆରଓଏନ୍ ହେଉଛି ଇନ୍ଧନ ଗୁଣବତ୍ତାର ଏକ ପ୍ରମୁଖ ମାପକ । ଯାହା ଇଞ୍ଜିନର ସୁରକ୍ଷା ସୁନିଶ୍ଚିତ କରେ । ଇଥାନଲ୍ ଆଖୁ, ମକା ଓ ଅନ୍ୟାନ୍ୟ ଶସ୍ୟରୁ ଉତ୍ପାଦିତ ହୁଏ । ଏହା ଏକ ନବୀକରଣୀୟ ଇନ୍ଧନ ଏବଂ ନିୟମିତ ପେଟ୍ରୋଲ ତୁଳନାରେ କମ୍ ପ୍ରଦୂଷଣକାରୀ । ସରକାର କହିଛନ୍ତି ଯେ ଇଥାନଲ୍ ମିଶ୍ରଣ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ, ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ । ଏହା ବ୍ୟତୀତ, ଆଖୁ ଓ ମକାର ଚାହିଦା ବୃଦ୍ଧି ପାଇବା ସହିତ ଚାଷୀମାନେ ଲାଭବାନ ହେବେ । ଏହି ପଦକ୍ଷେପ ପରିବେଶ ଓ ଚାଷୀ ଉଭୟଙ୍କ ପାଇଁ ଲାଭଦାୟକ ବୋଲି କୁହାଯାଉଛି ।

# ଜଳବାୟୁ ପରିବର୍ତ୍ତନ ଯୋଗୁ ବଦଳୁଛି ବାଘଙ୍କ ଆଚରଣ, ମଣିଷଙ୍କ ଉପରେ ବଢୁଛି ଆକ୍ରମଣ



ନୂଆଦିଲ୍ଲୀ:ସିଏସ୍‌ଇ ଦ୍ୱାରା ପ୍ରକାଶିତ ଭାରତର ପରିବେଶ ସ୍ଥିତି (ଏସ୍ ?ଓଇ-୨୦୨୬) ରିପୋର୍ଟରେ ବାଘଙ୍କ ବଦଳୁଥିବା ଆଚରଣ ଉପରେ ଆଲୋଚନା କରାଯାଇଛି । ଜଳବାୟୁ ପରିବର୍ତ୍ତନ ମଧ୍ୟବାଘଙ୍କ ଆଚରଣକୁ ପରିବର୍ତ୍ତନ କରୁଥିବା ଏଥିରେ ଉଲ୍ଲେଖ କରାଯାଇଛି । ସେମାନଙ୍କ ବାସସ୍ଥାନରେ ପରିବେଶଗତ ପରିବର୍ତ୍ତନ, ଜଙ୍ଗଲ ନିକଟରେ ବିଭିନ୍ନ ଶବ୍ଦ ତଥା ଗାଡ଼ି ଚଳାଚଳ ଓ ଅବନତିଶୀଳ ପରିସ୍ଥିତି ଭାରତରେ ବାଘଙ୍କଠାରେ ଆଚରଣଗତ ପରିବର୍ତ୍ତନ ଆଣୁଛି । ସେମାନଙ୍କର ମାନସିକ ସ୍ଥିତି ବିଗିଡ଼ି ଯାଉଛି । ରିପୋର୍ଟ ଅନୁଯାୟୀ, ବାଘମାନେ ବହୁତ କମ୍ ଅଭ୍ୟାସଗତ ମଣିଷଖିଆ ହୋଇଥାଆନ୍ତି । ବାଘ କେବଳ ବୃଦ୍ଧ କିମ୍ବା ଆହତ ହେଲେ ନିଜର ଶିକାର ଶକ୍ତି ଅଭାବରୁ ମଣିଷଙ୍କୁ ଆକ୍ରମଣ କରି ଖାଇବାକୁ ଚେଷ୍ଟା କରିଥାଏ । ରିପୋର୍ଟ ଅନୁଯାୟୀ ଦେଶରେ ବାଘଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଜଙ୍ଗଲର ପରିସୀମା କମି କମି ଯାଉଛି । ଜଙ୍ଗଲ ନିକଟରେ ମାନବ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଦେଶର ୨୦ଟି ବାଘବହୁଳ ରାଜ୍ୟରେ ବାଘ ରହୁଥିବା ଜଙ୍ଗଲ ପରିସରର ପ୍ରାୟ ୪୦ ପ୍ରତିଶତ ଅଞ୍ଚଳରେ ୬ କୋଟି ଲୋକ ବସବାସ କରୁଛନ୍ତି । ଫଳରେ ଜଙ୍ଗଲର ଶାନ୍ତି ଭଙ୍ଗ ହେଉଛି । ଏହା ଦ୍ୱାରା ବାଘଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ଯେତେବେଳେ ବାଘ ଗାଈଗୋରୁଙ୍କୁ ଖାଦ୍ୟ ପାଇଁ ଶିକାର କରିଥାଏ ସମ୍ପୃକ୍ତ ଗାଈଗୋରୁ ମାଲିକଙ୍କୁ ପ୍ରାୟତଃ ଯଥେଷ୍ଟ କ୍ଷତିପୂରଣ ମିଳିଥାଏ । ବାଘ ଦ୍ୱାରା ହେଉଥିବା ପଶୁଧନ କ୍ଷତି ଭରଣାକୁ ଏକ ସାଧାରଣ କାର୍ଯ୍ୟ ଭାବେ ଲୋକେ ଗ୍ରହଣ କରି ନେଇଥାନ୍ତି । ଫଳରେ ଏହି କ୍ଷତିପୂରଣ ବାଘକୁ ଗ୍ରାମ୍ୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଂଶ କରିଥାଏ । ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଜାନୁଆରିରୁ ଜୁନ୍ ୨୦୨୫ ପର୍ଯ୍ୟନ୍ତ ସାରା ଭାରତରେ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳଗୁଡ଼ିକରେ ପ୍ରାୟ ୪୩ ଜଣଙ୍କର ମୃତ୍ୟୁହୋଇଥିଲା । ୨୦୨୪ ମସିହାରେ ସେହି ମାସଗୁଡ଼ିକରେ, ବାଘ ଆକ୍ରମଣରେ ୪୪ ଜଣଙ୍କ ଜୀବନ ଯାଇଥିଲା । ୨୦୨୫ ମସିହାରେ ହୋଇଥିବା ୪୩ ଆକ୍ରମଣ ମଧ୍ୟରୁ ଚାରିଟିରେ ବାଘ କେବଳ ଶରୀରର କିଛି ଅଂଶ ଉପରେ ଆକ୍ରମଣ କରିଥିଲା । ବାଘଙ୍କଠାରେ ପ୍ରକାଶ ପାଉଥିବା ମଣିଷ ଉପରେ ଆକ୍ରମଣର ଧାରା ପାଇଁ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି

# ସୁନେତ୍ରା ପାୱାର ହେଲେ ଏନସିପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ସର୍ବସମ୍ମତିକ୍ରମେ ନିଆଗଲା ନିଷ୍ପତ୍ତି



ମହାରାଷ୍ଟ୍ର : ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ତଥା ଦିବଂଗତ ନେତା ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଏନସିପିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିଷ୍ପତ୍ତି ପାର୍ଟିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅଧିବେସନ ଆରମ୍ଭରୁ ପ୍ରଫୁଲ ପଟେଲ ଭାବୁକ ହୋଇ ସମ୍ବୋଧନ କରିଥିଲେ । ଅଜିତ ପାୱାରଙ୍କ ନିଧନ ପରେ ଅନେକ ପ୍ରକାରର ଚର୍ଚ୍ଚା ଚାଲିଥିଲା । ତେବେ ଅଧିବେସନରେ ସର୍ବସମ୍ମତିକ୍ରମେ ପାର୍ଟିର ନୂଆ ନେତୃତ୍ୱରେ ନେଇ ଆଗକୁ ବଢ଼ିବାକୁ ହେବ । ବୈଠକରେ ଥିବା ସମସ୍ତ ନେତା ଏବଂ ପ୍ରତିନିଧି ସୁନେତ୍ରା ପାୱାରଙ୍କୁ ଅଧ୍ୟକ୍ଷ ଭାବେ ସମର୍ଥନ କରିଥିଲେ । ଏହାପରେ ଏନସିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ତାଙ୍କ ନାମ ଘୋଷଣା କରାଯାଇଛି ।

# ମାଲିକ ଘରେ ନକଲି ଇଡି ଚଢାଉ କଲା ଚାକରାଣୀ, 'ସ୍ପେଶାଲ ୨୬' କାହାଣୀ ଷ୍ଟାଇଲରେ ଲୁଟ୍




ନୂଆଦିଲ୍ଲୀ : ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନି ଅଞ୍ଚଳରେ ଏକ ଅଜବ ଘଟଣା । ଜଣେ ଚାକରାଣୀ ତାଙ୍କ ମାଲିକଙ୍କ ଘରେ ଏକ ନକଲି ରଡ ଚଢାଉ କରିଛି । ଦିଲ୍ଲୀ ପୋଲିସ ଚାକରାଣୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଗିରଫ କରିଛି । ପୋଲିସ ପୋଷାକ, ଦାମୀ ଘରୋଇ ଜିନିଷପତ୍ର ଏବଂ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି । ଖବର ମୁତାବକ, ଚାକରାଣୀ ସତର୍କତାର ସହିତ ଯୋଜନା କରି ଷଡ଼ଯନ୍ତ୍ରରେ ତାଙ୍କର ନିକଟତମ ସହଯୋଗୀମାନଙ୍କୁ ସାମିଲ କରିଥିଲେ । ସେ ତାଙ୍କ ସହଯୋଗୀମାନଙ୍କୁ ଘର ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ ଏବଂ "ସ୍ପେଶାଲ୍ ୨୬" ନାମକ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ । ଘରେ କିଏ ରହେ ଏବଂ ସେମାନେ କ'ଣ କରନ୍ତି ସେ ବିଷୟରେ ଏହି ବିସ୍ତୃତ ସୂଚନା ଚଢାଉରେ ସାହାଯ୍ୟ କରିଥିଲା । ନିର୍ଦ୍ଧାରିତ ସମୟ ଅନୁଯାୟୀ, ଦଳ ଇଡି ଅଧିକାରୀ ଭାବରେ ଚଢାଉ କରିବା ପାଇଁ ଘରେ ପହଞ୍ଚିଲା । ଘର ଭିତରେ ଥିବା ଲୋକମାନେ ଜାଣି ନଥିଲେ ଯେ, ଚଢାଉକାରୀମାନେ ନକଲି ଅଧିକାରୀ । ଯେଉଁଭଳି ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍ପେଶାଲ ୨୬'ର କାହାଣୀ ଭଳି ଏମାନେ ବି ମିଛ ଇଡି ଚଢାଉ ଷଡଯନ୍ତ୍ର ରଚିଥିଲେ । ହେଲେ ଘର ଲୋକଙ୍କ ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ । ପରେ ସତ ଜଣାପଡିଥିଲା । ଆଉ ପୋଲିସ ଚାକରାଣୀ ଏବଂ ସହଯୋଗୀମାନଙ୍କୁ ଗିରଫ କରିଛି । କିଛି ଦିନ ପୂର୍ବରୁ ଗୁଜରାଟରେ ସମାନ ପ୍ରକାରର ଏକ ନକଲି ରଡ ଚଢାଉ କରାଯାଇଥିଲା, ଏବଂ ଏହି ଡକାୟତି ସ୍ପେଶାଲ୍ ୨୬ ପରି କରାଯାଇଥିଲା । ୧୨ ଜଣିଆ ଏକ ଦଳ, ରଡ ଅଧିକାରୀ ଭାବରେ ନିଜକୁ ପରିଚୟ ଦେଇ, ଜଣେ ପ୍ରମୁଖ ସୁନା, ରୂପା ଏବଂ କୋଟି କୋଟି ଟଙ୍କାର ନଗଦ ଲୁଟି ପଳାଇଥିଲେ ।

# ଡୋନାଲ୍ଡ ଟ୍ରମ୍ପଙ୍କ ଧମକ, ମୁଣ୍ଡ ନୋଇଲା ବ୍ରିଟେନ, ଚାଗୋସ୍ ଦ୍ୱୀପପୁଞ୍ଜ ଚୁକ୍ତି ବନ୍ଦ

ଲଣ୍ଡନ: ଭାରତ ମହାସାଗରରେ ଅବସ୍ଥିତ ଚାଗୋସ୍ ଦ୍ୱୀପପୁଞ୍ଜ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିରନ୍ତର ଚାପ ଆଗରେ ବ୍ରିଟେନ ମୁଣ୍ଡ ନୁଆଁଇଛି । ବ୍ରିଟେନର କିର ଷ୍ଟାର୍ମର ସରକାର ମରିସସକୁ ଚାଗୋସ୍ ଦ୍ୱୀପପୁଞ୍ଜ ହସ୍ତାନ୍ତର ପାଇଁ ପ୍ରୟାସ ବନ୍ଦ କରିଦେଇଛନ୍ତି । ଏନେଇ ସରକାର ସାଂସଦମାନଙ୍କୁ ସୂଚନା ଦେଇଛନ୍ତି । ବ୍ରିଟେନର ବୈଦେଶିକ, ରାଜ୍ୟଗୋଷ୍ଠୀ ଓ ବିକାଶ କାର୍ଯ୍ୟାଳୟ ମନ୍ତ୍ରୀ ହାମିଶ ଫାଲକନର କହିଛନ୍ତି, ଆମେରିକା ସହିତ ଆଲୋଚନା ପର୍ଯ୍ୟନ୍ତ ଚାଗୋସ୍ ଦ୍ୱୀପପୁଞ୍ଜ ହସ୍ତାନ୍ତର ପାଇଁ ଅନୁମୋଦନ ପ୍ରକ୍ରିୟା ବନ୍ଦ କରାଯାଇଛି । ଫାଲକନରଙ୍କ ମନ୍ତବ୍ୟ ବ୍ରିଟେନରେ ରାଜନୈତିକ ଅସ୍ଥିରତା ବୃଦ୍ଧି କରିଛି । ବୈଦେଶିକ କାର୍ଯ୍ୟାଳୟ ତୁରନ୍ତ ଏକ ସ୍ପଷ୍ଟୀକରଣ ଜାରି କରି କହିଛି ଯେ, ଫାଲକନର ଭୁଲ୍ କଥା କହିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି, କୌଣସି ପ୍ରତିବନ୍ଧକ ନାହିଁ । ଆମେ କେବେବି ସମୟସୀମା ସ୍ଥିର କରିନାହୁଁ । ସମୟ ପୂର୍ବର ଭଳି ଘୋଷଣା କରାଯିବ । ସେ ସ୍ୱୀକାର କରିଛନ୍ତି, ମରିସସକୁ ମଞ୍ଜୁରୀ କରିବାର ଯୋଜନା ଏବେ ଡୋନାଲ୍ଡ ଟ୍ରମ୍ପଙ୍କ ଅନୁମୋଦନ ଉପରେ ନିର୍ଭର କରେ । ଆମେ ଯୁକ୍ତରାଷ୍ଟ୍ର ସହିତ ଆଲୋଚନା କରି ସ୍ପଷ୍ଟ କରିଦେଇଛୁ ଯେ, ସେମାନଙ୍କ ସମର୍ଥନ ବିନା ଆମେ ଆଗକୁ ବଢ଼ିବୁ ନାହିଁ । ହାଉସ୍ ଅଫ୍ କମନ୍ସରେ ଚାଗୋସ୍ ଚୁକ୍ତି ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ଫାଲକନର୍ କହିଛନ୍ତି, ଏହି ଚୁକ୍ତି ସମ୍ପର୍କରେ ସଂସଦରେ ଏକ ପ୍ରକ୍ରିୟା ଚାଲିଛି । ଆମେ ଉପଯୁକ୍ତ ସମୟରେ ଏହାକୁ ସଂସଦକୁ ଫେରାଇ ଆଣିବୁ । ଆମେ ଆମର ଆମେରିକୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବା ପାଇଁ କିଛି ସମୟ ନେଉଛୁ । ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଏହି ଚୁକ୍ତି ପ୍ରତି ତାଙ୍କର ସମର୍ଥନ ପ୍ରତ୍ୟାହାର କରି କହିଥିଲେ ଯେ, କିର ଷ୍ଟାର୍ମର ମରିସସକୁ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱ ହସ୍ତାନ୍ତର କରି ଏକ ଗମ୍ଭୀର ଭୁଲ କରୁଛନ୍ତି । ଏହି ଚୁକ୍ତି ବ୍ରିଟେନ ଓ ଆମେରିକାକୁ ୯୯ ବର୍ଷର ଲିଜ୍ ଅଧୀନରେ ଦ୍ୱୀପପୁଞ୍ଜର ଡିଏଗୋ ଗାର୍ସିଆରେ ଗୁରୁତ୍ୱପୂର୍ଣ୍ଣ ବାୟୁସେନା ଘାଟି ରଖିବାକୁ ଅନୁମତି ଦେଇଛି । ଗତ ବର୍ଷ, ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଚାଗୋସ୍ ଦ୍ୱୀପପୁଞ୍ଜକୁ ମରିସସକୁ ହସ୍ତାନ୍ତର କରିବା ପାଇଁ ଏକ ବିବାଦୀୟ ଚୁକ୍ତିରେ ରାଜି ହୋଇ ଏବଂ ଡିଏଗୋ ଗାର୍ସିଆରେ ୟୁକେ-ଆମେରିକା ସାମରିକ ଘାଟି ବଜାୟ ରଖିଥିଲେ । ଷ୍ଟାର୍ମର ଏହି ସ୍ଥାନରେ ୯୯ ବର୍ଷର ଲିଜ୍ ପାଇଁ ରାଜି ହୋଇଥିଲେ, ଯାହା ପାଇଁ ବ୍ରିଟେନ ବାର୍ଷିକ ଅତି କମରେ ୩୫ ବିଲିୟନ ଡଲାର ଦେବ । ରାଷ୍ଟ୍ରପତି ଟ୍ରମ୍ପ ଗତ ବର୍ଷ ଏହି ଚୁକ୍ତିକୁ ସମର୍ଥନ କରିଥିଲେ, କିନ୍ତୁ ଚଳିତ ମାସ ଆରମ୍ଭରେ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଥିଲେ ।

# ସ୍କୁଲରେ ଖେଳିବା ସମୟରେ ଟଳି ପଡିଲେ ଛାତ୍ରୀ

ଜୟପୁର : ରାଜସ୍ଥାନର ନାଗୌର ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଗୋଟାନ ସହରର ଏକ ସ୍କୁଲରେ ଏକ ଦୁଃଖଦ ଘଟଣା ଘଟିଛି । ହୃଦଘାତରେ ଜଣେ ଝିଅର ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ସ୍କୁଲରେ ଖେଳୁଥିବା ସମୟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ହୃଦଘାତ ହୋଇଥିବା ରିପୋର୍ଟ ହୋଇଛି । ଝିଅଟିକୁ ଯଥାଶୀଘ୍ର ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ରାଜସ୍ଥାନର ନାଗୌର ଜିଲାର ଗୋଟାନ ସହରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ସ୍କୁଲ ସଂଯୋଜକ ଗୋପାଳ ଜାଖର କହିଛନ୍ତି ଯେ ତାଲନପୁର ନିବାସୀ ରାଜେନ୍ଦ୍ରଙ୍କ ୯ ବର୍ଷୀୟା ଝିଅ, ପଞ୍ଚମ ଶ୍ରେଣୀର ଛାତ୍ରୀ । ଦିବ୍ୟା ଫେବୃଆରୀ ୨୩ ତାରିଖ ସକାଳ ପ୍ରାୟ ୭ଟା୪୮ ସମୟରେ ସବୁଦିନ ପରି ସ୍କୁଲରେ ପହଞ୍ଚିଥିଲା । ପ୍ରାର୍ଥନା ଆରମ୍ଭ ହେବା ପୂର୍ବରୁ ସେ ଅନ୍ୟ ପିଲାମାନଙ୍କ ସହିତ ଖେଳ ପଡ଼ିଆରେ ଖେଳୁଥିଲା । ହଠାତ୍ ସେ ଝୁଣ୍ଟି ବେହୋସ ହୋଇଯାଇଥିଲେ ।

# ଆମେ ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ, ଅପରେସନ ସିନ୍ଦୂର ୨.୦ ପୂର୍ବ ଅପେକ୍ଷା ଅଧିକ ଭୟଙ୍କର ହେବ: ଲେଫ୍ଟନାଣ୍ଟ ଜେନେରାଲ ମନୋଜ କଟିୟାର




ପଠାନକୋଟ: ଭାରତ ବଢୁଥିବା ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ସତର୍କ ରହିଛି । ସୀମାର ସୁରକ୍ଷା ପ୍ରତି ମଧ୍ୟ ଦେଶ ସଜାଗ ଅଛି । ଯୁଦ୍ଧକ୍ଷେତ୍ରରେ ଶତ୍ରୁକୁ ଉପଯୁକ୍ତ ଜବାବ ଦେବା ପାଇଁ ଭାରତୀୟ ସେନାର ପ୍ରସ୍ତୁତି ସମ୍ପ୍ରତି ପଠାନକୋଟ କ୍ୟାଣ୍ଟନମେଣ୍ଟରେ ଅନୁଷ୍ଠିତ ଅପରେସନ ସିନ୍ଦୂର ପ୍ରଦର୍ଶନ ସମୟରେ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନ ମାଧ୍ୟମରେ, ସେନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ପ୍ରଣାଳୀ ତଥା ବାୟୁ ପ୍ରତିରକ୍ଷା କ୍ଷମତାକୁ ବିସ୍ତାରିତ ଭାବରେ ପ୍ରଦର୍ଶନ କରିଥିଲା । ପଶ୍ଚିମ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ କହିଛନ୍ତି, ଭାରତ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ, ଏବଂ ଯଦି ଅପରେସନ ସିନ୍ଦୂର ୨.୦ ହୁଏ, ତେବେ ଏହା ପୂର୍ବ ଅପେକ୍ଷା ଅଧିକ ଭୟଙ୍କର ହେବ ।

ପାକିସ୍ତାନର ପରମାଣୁ ବିପଦ ସମ୍ପର୍କରେ, ପଶ୍ଚିମ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ମନୋଜ କଟିୟାର କହିଛନ୍ତି, ପାକିସ୍ତାନର ପରମାଣୁ ବିପଦ କେବଳ ଚାପ ପ୍ରୟୋଗ କରିବାର ଏକ ପ୍ରୟାସ ଥିଲା, ଭାରତକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ନିବୃତ୍ତ କରିବା ପାଇଁ ଏକ ପ୍ରତାରଣା । ମାତ୍ର ଭାରତ ଏପରି ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଅପରେସନ ସିନ୍ଦୂରର ସଫଳତା ସମ୍ପର୍କରେ ସେ କହିଛନ୍ତି, ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ଥିବା ଅନେକ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା । ପ୍ରତିଶୋଧ ସ୍ୱରୂପ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା, ଯାହା ପରେ ଭାରତ ସେମାନଙ୍କର ଏୟାରବେସ୍ ଓ ସାମରିକ ପ୍ରତିଷ୍ଠାନକୁ କ୍ଷତିଗ୍ରସ୍ତ କରିଥିଲା । ପ୍ରାୟ ୮୮ ଘଣ୍ଟାର ସଂଘର୍ଷ ପରେ, ପାକିସ୍ତାନ ଡିଜିଏମ୍ ଓ ସ୍ତରରେ ଅସ୍ତ୍ରବିରତି ପାଇଁ ଆବେଦନ କରିଥିଲା । ମେ ୭ ତାରିଖରେ ଭାରତ ଆଲୋଚନା ପ୍ରସ୍ତାବ ଦେଇଥିଲା, ଯାହାକୁ ପାକିସ୍ତାନ ପ୍ରାରମ୍ଭରେ ପ୍ରତ୍ୟାଖ୍ୟାନ କରିଥିଲା । ମନୋଜ କଟିୟାର ଅପରେସନ ସିନ୍ଦୂର ୨.୦ ବିଷୟରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଏହା ହୁଏ, ତେବେ ଏହା ପୂର୍ବ ଅପେକ୍ଷା ଅଧିକ କଠୋର ହେବ । ଅପରେସନର ଗଭୀରତା ଏବଂ ତୀବ୍ରତା ସେତେବେଳେର ରଣନୀତି ଉପରେ ନିର୍ଭର କରିବ । ଡ୍ରୋନ୍ ଏହି ରଣନୀତିର ଏକ ପ୍ରମୁଖ ଅଂଶ ହେବ । ପଶ୍ଚିମ କମାଣ୍ଡରେ ଡ୍ରୋନ୍ ନିର୍ମାଣ ଏବଂ ବୈଷୟିକ ପ୍ରସ୍ତୁତି ଉପରେ ସ୍ୱତନ୍ତ୍ର କାର୍ଯ୍ୟ କରାଯାଉଛି । ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ପରିସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ, ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ଘଟଣା ସଂଖ୍ୟା ପୂର୍ବ ରିପୋର୍ଟ ଅପେକ୍ଷା କମ୍ ରହିଛି । ପାକିସ୍ତାନ ଶାନ୍ତି ବିପର୍ଯ୍ୟସ୍ତ କରିବାକୁ ଚେଷ୍ଟା କରୁଛି । ସେ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ । ସାମଗ୍ରିକ ଭାବରେ ପଠାନକୋଟର ଅପରେସନ ସିନ୍ଦୂର ମାଧ୍ୟମରେ, ସେନା ଏହି ବାର୍ତ୍ତା ଦେଇଛି ଯେ, ଭାରତ ଆଧୁନିକ ଯୁଦ୍ଧର ପ୍ରତ୍ୟେକ ମୋର୍ଚ୍ଚାରେ ଦୃଢ଼ ଭାବରେ ଠିଆ ହୋଇଛି । ଯେକୌଣସି ଚ୍ୟାଲେଞ୍ଜର ଜବାବ ଦେବାର କ୍ଷମତା ସେନା ରଖିଛି ବୋଲି ସେ କହିଛନ୍ତି ।

# ୱେଷ୍ଟଇଣ୍ଡିଜକୁ ହରାଇ ସେମିରେ ଦ. ଆଫ୍ରିକା

ଅହମଦାବାଦ,୨୬।୨: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-୧’ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦୁଇ ଥର ବିଜେତା ୱେଷ୍ଟଇଣ୍ଡିଜ୍‌କୁ ଏକତରଫା ଭାବେ ୯ ୱିକେଟ୍‌ରେ ପରାସ୍ତ କରିଛି। ତା’ ସହିତ ନିଜ ଅପରାଜେୟ ଧାରା ଜାରି ରଖିଛି। ସେହିଭଳି ଦୁଇଟି ସୁପର-୮ ମ୍ୟାଚ୍‌ରୁ ଲଗାତାର ଦୁଇଟି ବିଜୟ ହାସଲ କରି ସେମିଫାଇନାଲ୍‌ରେ ଏକପ୍ରକାର ଗୋଟିଏ ପାଦ ଥାପି ଦେଇଛି।

ଅନ୍ୟପକ୍ଷରେ ଉତ୍ସାହୀ ୱେଷ୍ଟଇଣ୍ଡିଜ୍ ପ୍ରଥମ ପରାଜୟ ବରଣ କରିଛି। ନିଜ ପ୍ରଥମ ସୁପର-୮ ମୁକାବିଲାରେ ଜିମ୍ବାୱେକୁ ୧୦୭ ରନ୍‌ରେ ହରାଇ ଦଳୀୟ ନେଟ୍ ରନ୍ ରେଟ୍‌କୁ ୫.୩୫୦ରେ ପହଞ୍ଚାଇ ଦେଇଥିବା ୱେଷ୍ଟଇଣ୍ଡିଜ୍ ଗୁରୁବାରର ବଡ ପରାଜୟ ପରେ ତଳକୁ ଖସିଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରୁ ଗୋଟିଏ ଲେଖାଏଁ ଜୟ/ପରାଜୟ ପାଇବା ପରେ ତା’ର ନେଟ୍ ରନ୍ ରେଟ୍ ଏବେ ୧.୭୯୧ରେ ପହଞ୍ଚି ଯାଇଛି। ଯାହା ଆୟୋଜକ ଭାରତୀୟ ପ୍ରଶଂସକଙ୍କ ପାଇଁ ଖୁସି ଖବର ହୋଇଛି। କାରଣ ଭାରତର ସେମିଫାଇନାଲ୍ ପ୍ରବେଶ ଏଥିଲାଗି କିଛିଟା ସୁଗମ ହୋଇଛି।



ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚ୍‌ର ବଡ ବିଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକାର ନେଟ୍ ରନ୍ ରେଟ୍ ୩.୮ରୁ ୨.୮୯୦କୁ କମିଯାଇଛି। ଦଳ କିନ୍ତୁ ୪ରୁ ୪ ପଏଣ୍ଟ ପାଇ ଗ୍ରୁପ୍-୧’ ତାଲିକାର ପ୍ରଥମ ସ୍ଥାନରେ ରହିଛି। ସ୍ଥାନୀୟ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୮୩ ରନ୍‌ରେ ୭ ୱିକେଟ୍ ହରାଇ ଘୋର ସଙ୍କଟରେ ପଡିଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଦୁଇ ଅଲରାଉଣ୍ଡର୍ ଜାସନ ହୋଲ୍‌ଡର (୪୯) ଓ ରୋମାରିଓ ସେପର୍ଡ (୫୨) ଅଷ୍ଟମ ୱିକେଟ୍‌ରେ ଦ୍ରୁତ ୮୯ ରନ୍ ଯୋଡି ସ୍ଥିତି ସୁଧାରି ନେଇଥିଲେ। ଏହି ଦୁଇ ଜଣଙ୍କ ଲୁଆ ବ୍ୟାଟିଂ ବଳରେ ୱେଷ୍ଟଇଣ୍ଡିଜ୍ ଶେଷରେ ୮ ୱିକେଟ୍ ହରାଇ ୧୭୬ ରନର ସମ୍ମାନଜନକ ସ୍କୋର୍ କରି ନେଇଥିଲା। ସେପର୍ଡ ସ୍ମରଣୀୟ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

ହୋଲ୍‌ଡର କିନ୍ତୁ ମାତ୍ର ଗୋଟିଏ ରନ୍ ପୂର୍ବରୁ ରନ୍‌ଆଉଟ୍ ହୋଇ ଏଥିରୁ ବଞ୍ଚିତ ହୋଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଐଡେନ ମାର୍କରାମ ୮୨ଅ ରନ୍ ବଳରେ ମାତ୍ର ୧ ୱିକେଟ୍ ହରାଇ ୧୭୭ ରନର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କ୍ୱିଣ୍ଟନ୍ ଡି’ କକ୍ (୪୭) ଓ ମାର୍କରାମ ପ୍ରଥମ ୱିକେଟ୍‌ରେ ୯୫ ରନ୍ ଯୋଡିଥିଲେ। ଡି’କକ୍ ଅର୍ଦ୍ଧଶତକର ୩ ରନ୍ ପୂର୍ବରୁ ଏକମାତ୍ର ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଏହା ପରେ ରିୟାନ ରିକେଲଟନ୍ (୪୫ଅ)ଙ୍କ ସହ ମିଶି ମାର୍କରାମ ଦ୍ୱିତୀୟ ୱିକେଟ୍‌ରେ ୮୨ ରନ୍‌ର ଅବିଭାଜିତ ଭାଗୀଦାର ଗି ଦକ୍ଷିଣ ଆଫ୍ରିକାକୁ ସହଜ ବିଜୟ ଉପହାର ଦେଇଥିଲେ। ମାର୍କରାମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ଅଭିଷେକ-ସାମସନ ଭାଙ୍ଗିଲେ ଓପନିଂ ରେକର୍ଡ

ଚେନ୍ନାଇ,୨୬।୨: ଟି-୨୦ ବିଶ୍ୱକପ୍ ୨୦୨୬ରେ ଟିମ ଇଣ୍ଡିଆର ଓପନିଂ ଯୋଡ଼ି ଶେଷରେ ନିଜର ପୁରୁଣା ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛି। ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ସଞ୍ଜୁ ସାମସନଙ୍କ ମଧ୍ୟରେ ୪୮ ରନର ଦମଦାର ଭାଗିଦାରୀ ଦେଖିବାକୁ ମିଳିଥିଲା। ଯାହା ଚଳିତ ବିଶ୍ୱକପ୍‌ରେ ଭାରତର ସର୍ବାଧିକ ଓପନିଂ ପାର୍ଟନରଶିପ ସାବ୍ୟସ୍ତ ହୋଇଛି।



ପାୱାରପ୍ଲେରେ ଭାରତକୁ ଏକ ଜବରଦସ୍ତ ଆରମ୍ଭ ଦେଇ ଏହି ଦୁଇ ବ୍ୟାଟର ମାତ୍ର ୨୩ ବଲ୍‌ରେ ୪୮ ରନ୍ ସଂଗ୍ରହ କରିଥିଲେ। ସାମସନ ୧୫ ବଲ୍‌ରୁ ୨୪ ରନ୍ କରି ଆଉଟ୍ ହୋଇଥିବା ବେଳେ ଅଭିଷେକ ୮ ବଲ୍‌ରୁ ୧୭ ରନ୍ କରି ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଥିଲେ। ପୂର୍ବରୁ ଖେଳାଯାଇଥିବା ୫ଟି ଯାକ ମ୍ୟାଚ୍‌ର ମୋଟ ଓପନିଂ ସ୍କରକୁ ମିଶାଇଲେ ମଧ୍ୟ ତାହା ଜିମ୍ବାୱେ ବିପକ୍ଷରେ ହୋଇଥିବା ୪୮ ରନ୍‌ରୁ କମ ହେଉଛି।

ଓପନିଂ ପାର୍ଟନରଶିପ ତୁଳନା:
ଗତ ୫ଟି ମ୍ୟାଚ୍ (ମୋଟ):୩୪ ରନ୍
ଜିମ୍ବାୱେ ବିପକ୍ଷରେ (ଏକାକୀ): ୪୮ ରନ୍

ସଞ୍ଜୁ ସାମସନ ଆଉଟ ହେବା ପରେ ମଧ୍ୟ ଅଭିଷେକ ଶର୍ମା କ୍ରିଜ୍‌ରେ ଜମି ରହିଥିଲେ। ପୂର୍ବ ୪ଟି ଇନିଂସ ଅପେକ୍ଷା ଜିମ୍ବାୱେ ବିପକ୍ଷରେ ସେ ଅଧିକ ଆତ୍ମବିଶ୍ୱାସୀ ଦେଖାଯାଉଥିଲେ। ସଞ୍ଜୁଙ୍କ ପରେ ତାଙ୍କୁ ଇଶାନ କିଷାନଙ୍କ ସାଥ ମିଳିଥିଲା ଏବଂ ଉଭୟଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ପାୱାରପ୍ଲେ ସୁଦ୍ଧା ୮୦ ରନରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା।

## ଆଇଏସ୍ଏଲ୍‌ରେ ଚର୍ଚ୍ଚିଲ୍ ବ୍ରଦର୍ସଙ୍କୁ ସାମିଲ କରିବାକୁ ବିରୋଧ

ନୂଆଦିଲ୍ଲୀ,୨୬।୨: ଭାରତର ପ୍ରମୁଖ ଫୁଟ୍‌ବଲଲିଗ୍ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ଚଳିତ ଋତୁରେ ଗୋଆର ପ୍ରସିଦ୍ଧ ଫୁଟ୍‌ବଲ୍ କ୍ଲବ ଚର୍ଚ୍ଚିଲ୍ ବ୍ରଦର୍ସ ଏଫସିକୁ ସାମିଲ କରିବା ପ୍ରସ୍ତାବ ପୁଣି ଥରେ ଅଟକିଯାଇଛି। ଆଇଏସ୍ଏଲ୍‌ର ଫ୍ରାଞ୍ଚାଇଜିମାନେ ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। ସର୍ବ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫଏଫ୍)କୁ ନିଜର ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ ଚଳିତ ଋତୁ ଜାରି ରହିଥିବାବେଳେ ଚର୍ଚ୍ଚିଲ ବ୍ରଦର୍ସକୁ ସାମିଲ କରିବା ପ୍ରତିଯୋଗିତାମୂଳକ ସ୍ୱଚ୍ଛତା ଓ ଯୋଗ୍ୟତା ଭିତ୍ତିକ ଅଂଶଗ୍ରହଣର ବିରୁଦ୍ଧାଚରଣ କରିବ। ପୂର୍ବରୁ ଏ ସଂପର୍କରେ ଆଲୋଚନା ହୋଇଥିଲେ ବି ପୁଣି ଥରେ କେଉଁ ଭିତ୍ତିରେ ଏହି ପ୍ରସଙ୍ଗକୁ ଉଠାଯାଉଛି ତାହା ସ୍ପଷ୍ଟ ହେଉନାହିଁ ବୋଲି ସେମାନେ କହିଛନ୍ତି। ସେମାନେ ସ୍ପଷ୍ଟ କରିଛନ୍ତି ଯେ ଆଇଏସଏଲ୍ ୨୦୨୫-୨୬ର ଲିଗ୍ ଢାଞ୍ଚା ଚୂଡ଼ାନ୍ତ ହୋଇଯାଇଛି । ଏହି ଭିତ୍ତିରେ ଖେଳ, ଆର୍ଥିକ, ପରିଚାଳନାଗତ ଓ ଚୁକ୍ତିଗତ ବିଷୟଗୁଡ଼ିକ ଚୂଡ଼ାନ୍ତ ହୋଇସାରିଛି।



ଏହି ପର୍ଯ୍ୟାରରେ କୌଣସି ପ୍ରସାରର ପରିବର୍ତ୍ତନ ଓ ସଂପ୍ରସାରଣ ଗ୍ରହଣୀୟ ନୁହେଁ।ଚର୍ଚ୍ଚିଲ୍ ବ୍ରଦର୍ସକୁ ସାମିଲ୍ କରିବା ପ୍ରସ୍ତାବ ଉପରେ ଏଆଇଏଫଏଫ୍ ପକ୍ଷରୁ ବୁଧବାର ୧୪ଟି ଫ୍ରାଞ୍ଚାଇଜିକୁ ପତ୍ର ଲେଖି ସେମାନଙ୍କ ଅନୁମୋଦନ ମଗାଯାଇଥିଲା। ଏହି ୧୪ଟି ମଧ୍ୟରୁ କେବଳ ଏଫସି ଗୋଆ ଓ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ଏହି ପ୍ରସ୍ତାବକୁ ସମର୍ଥନ କରୁଥିବାବେଳେ ଅନ୍ୟମାନେ ବିରୋଧ କରୁଛନ୍ତି। ତେବେ ଏଫସି ଗୋଆ ଓ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ସେମାନେ ସଂଖ୍ୟାଗରିଷ୍ଠ ଫ୍ରାଞ୍ଚାଇଜିମାନଙ୍କ ମତକୁ ସମର୍ଥନ କରିବେ।

## ଖେଳାଳିଙ୍କ ସୁରକ୍ଷା ମାଗିଲେ ଶ୍ରୀଲଙ୍କା ଅଧିନାୟକ

କଲମ୍ବୋ,୨୬।୨: ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି କେବଳ ଖେଳାଳିଙ୍କ ଫିଟ୍‌ନେସ ଓ ଫର୍ମ ଦାୟୀ ନୁହେଁ, ବରଂ ଦଳ ବାହାରେ ସୃଷ୍ଟି ହୋଇଥିବା ନକାରାତ୍ମକ ପରିବେଶ ମଧ୍ୟ ଦାୟୀ। ସେମିଫାଇନାଲ ଦୌଡ଼ରୁ ଶ୍ରୀଲଙ୍କା ବିଦାୟ ନେବା ପରେ ଅଧିନାୟକ ଦାସୁନ ଶନକା ଏହା କହିଛନ୍ତି। ଏଥିସହିତ ତାଙ୍କ ଖେଳାଳିଙ୍କୁ ସମାଲୋଚନାଠାରୁ ସୁରକ୍ଷା ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଖେଳାଳି ଭାବେ ଆମ ପାଇଁ ବାହ୍ୟ ସମାଲୋଚନାକୁ ନିୟନ୍ତ୍ରଣ କରିବା କଷ୍ଟକର। ଏଣୁ ପ୍ରାୟତଃ ସମୟରେ ଆମେ ମୁଖ୍ୟତଃ ନକାରାତ୍ମକ ସମାଲୋଚନା ହିଁ ଶୁଣୁ। ଏଣୁ ଜଣେ ଖେଳାଳି ଭାବେ ଆମେ ଯେତେ ସକାରାତ୍ମକ ଥିଲେ ବି, ବାହାରୁ ଦଳ ମଧ୍ୟରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରାଯାଇଛି। ଏହା ଶ୍ରୀଲଙ୍କା କ୍ରିକେଟର କ୍ଷତି କରୁଛି। ଆମେ ବିଶ୍ୱକପ୍ ହାରିଗଲୁ। ଆମକୁ କାରଣ ଜଣାଅଛି ଏବଂ ଆମେ ସମସ୍ତେ ଚିନ୍ତିତ। ଆମକୁ ଗୋଟିଏ ମ୍ୟାଚ୍ ଖେଳିବାର ଅଛି। ଆମେ ଖେଳିବୁ ଓ ଯିବୁ। କିନ୍ତୁ ସମାଲୋଚନା ବନ୍ଦ ହେବ ନାହିଁ। ଯଦି ସରକାର ହସ୍ତକ୍ଷେପ କରନ୍ତି, ତେବେ ଅତିକମ୍‌ରେ ଭବିଷ୍ୟତରେ ଆସିବାକୁ ଥିବା ଖେଳାଳିଙ୍କ ଲାଗି ଭଲ ହେବ।ମୋ ମତରେ ତାହା ଖେଳାଳିଙ୍କ ମାନସିକ ସ୍ୱାସ୍ଥ୍ୟ ଲାଗି ଭଲ ହେବ ବୋଲି ଶନକା କହିଛନ୍ତି। ଏଥିସହିତ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ସେ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି।

## ବୁମରାଙ୍କ ଲମ୍ଫାଡିଆଁ

ନୂଆଦିଲ୍ଲୀ,୨୬।୨ : ଆଇସିସି ଟି୨୦ ବିଶ୍ୱକପ ୨୦୨୬ର ହାଇ-ଭୋଲଟେଜ ସୁପର ୮ମ୍ୟାଚ୍ ମଧ୍ୟରେ, ଆଇସିସି ସଦ୍ୟତମ ରାଙ୍କିଙ୍ଗ ପ୍ରକାଶ କରିଛି, ଯାହା ପୁଣି ଥରେ ଭାରତୀୟ ଖେଳାଳିଙ୍କ ପ୍ରାଧାନ୍ୟ ପ୍ରଦର୍ଶନ କରୁଛି। ଭାରତୀୟ ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ସଦ୍ୟତମ ଓଡଉ ଞ୨୦ ଆନ୍ତର୍ଜାତୀୟ ର୍‌ୟାଙ୍କିଙ୍ଗରେ ତାଙ୍କର



ନମ୍ବର-୧ ବୋଲର ସ୍ଥାନ ବଜାୟ ରଖିଛନ୍ତି, ଯେତେବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ ଏବଂ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ଟି୨୦ ବିଶ୍ୱକପ ୨୦୨୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର ୮ମ୍ୟାଚ୍‌ରେ, ଟିମ ଇଣ୍ଡିଆର ଷ୍ଟାର ଫାଷ୍ଟ ବୋଲର ଜସପ୍ରିତ ବୁମ୍‌ରା ଘାତକ ବୋଲିଂ କରିଥିଲେ। ଏହି ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ବୁମରାହ ଓଡଉ ର୍‌ୟାଙ୍କିଙ୍ଗରେ ସାତ ସ୍ଥାନ ଉପରକୁ ଉଠି ବିଶ୍ୱର ଅଷ୍ଟମ ସ୍ଥାନରେ ଥିବା ଟି୨୦ ବୋଲର ହୋଇଛନ୍ତି। ସଦ୍ୟତମ ଟି୨୦ ଆନ୍ତର୍ଜାତୀୟ ବୋଲିଂ ରାଙ୍କିଙ୍ଗରେ ସ୍ପିନରଙ୍କ ପ୍ରାଧାନ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି, କାରଣ ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରୁ ସାତ ଜଣ ସ୍ପିନ ବୋଲିଂର ଅଟନ୍ତି।

ସଦ୍ୟତମ ଆଇସିସି ଟି୨୦ ଆନ୍ତର୍ଜାତୀୟ ର୍‌ୟାଙ୍କିଙ୍ଗରେ, ଟିମ ଇଣ୍ଡିଆର ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ତାଙ୍କର ନମ୍ବର-୧ ବୋଲର ସ୍ଥାନ ବଜାୟ ରଖିଛନ୍ତି। ଆଫଗାନିସ୍ତାନର ଅଧିନାୟକ ରସିଦ ଖାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି, ଯେତେବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ ରେକର୍ଡ ୨୧ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡର ଆଦିଲ ରସିଦ ଚତୁର୍ଥ ସ୍ଥାନକୁ ଉଠିଛନ୍ତି, ଏବଂ ପାକିସ୍ତାନର ଅବରାର ଅହମ୍ମଦ ଦୁଇ ସ୍ଥାନ ଖସି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଦୁଇ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି, ଏବଂ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ ୨୩ ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶର ମୁସ୍ତାଫିଜୁର ରହମାନ ନବମ ସ୍ଥାନରେ ପହଞ୍ଚିଛନ୍ତି, ଏବଂ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଚାରି ସ୍ଥାନ ଖସି ଦଶମ ସ୍ଥାନରେ ପହଞ୍ଚିଛନ୍ତି।

ସଦ୍ୟତମ ଆଇସିସି ଟି୨୦ ଅନ୍ତର୍ଜାତୀୟ ରାଙ୍କିଙ୍ଗରେ, ଟିମ ଇଣ୍ଡିଆର ବ୍ୟାଟିଂ ଷ୍ଟାର ଅଭିଷେକ ଶର୍ମା ତାଙ୍କର ନମ୍ବର ୧ ବ୍ୟାଟ୍ସମ୍ୟାନ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡର ଫିଲ ସଲ୍ଟ ଦୁଇ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି, ଏବଂ ପାକିସ୍ତାନର ସାହିବଜାଦା ଫରହାନ ଦୁଇ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ପଥୁମ ନିସାଙ୍କା ଚତୁର୍ଥ ସ୍ଥାନରେ ରହିଛି, ଯେତେବେଳେ ଭାରତୀୟ ୱିକେଟକିପର-ବ୍ୟାଟ୍ସମ୍ୟାନ ଇଶାନ କିଶାନ ତିନି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଟିମ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଷଷ୍ଠ ସ୍ଥାନରେ ଅଛନ୍ତି। ତଥାପି, ତିଳକ ବର୍ମା ଖରାପ ଫର୍ମର ଶିକାର ହୋଇଛନ୍ତି ଏବଂ ତିନି ସ୍ଥାନ ଖସି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି।

## ଡିୱାଇ ଟି୨୦ରେ ବିସ୍ଫୋରକ ବ୍ୟାଟିଂ କଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୨୬।୨ : ଆଇପିଏଲ ପୂର୍ବରୁ ଚମକିଲା ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍ । ବଡ଼ ବଡ଼ ସଟ୍ ମାରି ବୋଲରଙ୍କୁ କଲେ ଧରାଶାୟୀ। ମୁମ୍ବାଇରେ ଖେଳାଯାଉଥିବା ଡି.ୱାଇ ଟି-୨୦ ଟୁର୍ଣ୍ଣାମେଣ୍ଟରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ସେ ଡି.ୱାଇ ପାଟିଲ ବ୍ଲୁ ଟିମରୁ ଖେଳୁଛନ୍ତି । ଯେଉଁଥିରେ ସେ ଦମଦାର ପ୍ରଦର୍ଶନ କରିବା ସହ ବିସ୍ଫୋରକ ଭାବେ ମାତ୍ର ୧୪ ବଲରେ




ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି ।

ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁଥିବା ସୂର୍ଯ୍ୟବଂଶୀ ୧୯ ବଲର ସାମ୍ନା କରି ୬୩ ରନ୍ କରିବାରେ ସକ୍ଷମ ହୋଇଛନ୍ତି । ପ୍ରଥମରୁ ସାଥୀ ଖେଳାଳି ଯଶ ଧୁଲ୍ ଆଉଟ୍ ହୋଇଥିଲେ ସୁଦ୍ଧା ତାଙ୍କ ଉପରେ କେଣସି ପ୍ରଭାବ ପଡ଼ିନଥିଲା । ସେ କେବଳ ଛକା ଚେକାରେ ଡିଲ୍ କରିଥିଲେ । ଗୋଟିଏ ପଟେ ଏକାକି ପ୍ରତିପକ୍ଷ ବୋଲରଙ୍କୁ ଧୁଲେଇ କରିଥିଲେ । ଯେଉଁଥିରେ ୭ ଚୌକା ଏବଂ ୫ ଛକା ରହିଛି ।

ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଅର୍ଜୁନ୍ ତେନ୍ଦୁଲକର ମଧ୍ୟ ଦମଦାର ପ୍ରଦର୍ଶନ କରିଥିଲେ । ସେ ୨୯ ବଲରୁ ୫୫ ରନର ପାଳି ଖେଳିଥିଲେ। ଯେଉଁଥିରେ ୭ ଚୌକା ଏବଂ ୨ ଛକା ରହିଛି । ୨୨୫ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦଳ ମାତ୍ର ୧୯.୧ ବଲରେ ଜିତି ନେଇଛି । ଆଇପିଏଲ ପରେ ୧୯ ବର୍ଷରୁ କମ ବିଶ୍ୱକପରେ କମାଲ କରିବା ପରେ ଏବେ ଘରୋଇ କ୍ରିକେଟରେ ମଧ୍ୟ ଦମଦାର ପ୍ରଦର୍ଶନ ଜାରି ରଖିଛନ୍ତି ବୈଭବ ସୂର୍ଯ୍ୟବଂଶୀ । ଚଳିତ ଆଇପିଏଲରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଫ୍ୟାନ୍ସମାନେ ଆଶା ରଖିଛନ୍ତି ।

## ଆଇପିଏଲ୍ ଉପରେ ଅନ୍ତର୍ଜାତୀୟ ନିବେଶକଙ୍କ ନଜର

ମୁମ୍ବାଇ,୨୬।୨: ବିଶ୍ୱରେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍( ଆଇପିଏଲ୍)ର ଲୋକପ୍ରିୟତା ବଢିଚାଲିଥିବାବେଳେ ଏହାର ବଜାର ମୂଲ୍ୟ ବି ବଢିଚାଲିଛି। ଏହି କାରଣରୁ ଅନ୍ତର୍ଜାତୀୟ ନିବେଶକମାନେ ଆଇପିଏଲ୍ ଫ୍ରାଞ୍ଚାଇଜି କିଣିବାକୁ ଆଗ୍ରହ ଦେଖାଉଛନ୍ତି। ଆମେରିକୀୟ କୋଟିପତି ଡେଭିଡ୍ ବ୍ଲିଜର୍ ଆଇପିଏଲ୍‌ର ଦୁଇଟି ଫ୍ରାଞ୍ଚାଇଜି-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ଓ ରାଜସ୍ଥାନ ରୟାଲ୍ସର ଅଂଶଧନ ଖରିଦ କରିବାକୁ ନଜର ପକାଇଛନ୍ତି। ଏଥିପାଇଁ ସେ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ସହ-ଅଧ୍ୟକ୍ଷ ଅବରାମ୍ ଗ୍ଲାଜର୍‌ଙ୍କ ସହ ଏକ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି। କାରଣ ଅବରାମ୍ ମଧ୍ୟ ଏହି ଦୁଇଟି ଫ୍ରାଞ୍ଚାଇଜିର ଅଂଶଧନ କିଣିବାକୁ ଆଗ୍ରହ ଦେଖାଇଛନ୍ତି।



ଡେଭିଡ୍ ବ୍ଲିଜର୍ ବିଶ୍ୱର ଏକ ପ୍ରମୁଖ୍ୟକ୍ରୀଡ଼ାନିବେଶ ସଂସ୍ଥା ହ୍ୟାରିସ୍ ବ୍ଲିଜର୍ ସ୍ପୋର୍ଟ୍ସ ଏଣ୍ଡ ଏଣ୍ଟରଟେନମେଣ୍ଟର ସହ-ପ୍ରତିଷ୍ଠାତା ଥିବାବେଳେ କେତେକ ଆମେରିକୀୟ ବାସ୍କେଟ୍‌ବଲ୍ ଓ ୟୁରୋପୀୟ ଫୁଟବଲ୍ କ୍ଲବରେ ତାଙ୍କର ଅଂଶଧନ ରହିଛି। କେବଳ ଏହି ଦୁଇନିବେଶକ ନୁହନ୍ତି, ବ୍ଲାକ୍‌ଷ୍ଟୋନ ଓ କେକେଆର୍ (କୋଲ୍‌ବର୍ଗ କ୍ରାଭିସ୍ ରବର୍ଟସ) ମଧ୍ୟ ଏହି ଦୁଇଟି ଦଳର ଅଂଶଧନ କିଣିବାକୁ ବିଚାର କରୁଛନ୍ତି।

ସେହିପରି ଭାରତୀୟ ଶିଳ୍ପପତି ଆଦାର ପୁନାୱାଲା ଓ ରଞ୍ଜନ ପାଇ ମଧ୍ୟ କେକେଆର କିଣିବା ଦୌଡ଼ରେ ଅଛନ୍ତି। ଆଇପିଏଲ୍ ବିଶ୍ୱର ସବୁଠାରୁ ମର୍ଯ୍ୟାଦାଜନକ ଓ ଧନଶାଳୀ କ୍ରିକେଟ୍ ଲିଗ୍ ହୋଇଥିବାବେଳେ ଏହାର ବଜାର ମୂଲ୍ୟ ବଢିଚାଲିଛି। ଇନଭେଷ୍ଟମେଣ୍ଟ ବ୍ୟାଙ୍କ ହୁଲିହାନ୍ ଲୋକିର ଅଟକଳ ଅନୁସାରେ ଏହାର ମୂଲ୍ୟ ପ୍ରାୟ ୧୮.୫ ବିଲିୟନ ଡଲାର ହେବ। ଗତ ବର୍ଷ କେକେଆର୍‌ର ମାଲିକାନା ରଖିଥିବା ଡିଆଜିଓ ପୁଞ୍ଜି ପ୍ରତ୍ୟାହାର ପାଇଁ ସଂକେତ ଦେଇଥିଲା। ସେହିପରି ରାଜସ୍ଥାନ ରୟାଲ୍ସର ସର୍ବାଧିକ ଅଂଶଧନ ଲଣ୍ଡନ ଭିତ୍ତିକ ବ୍ୟବସାୟୀ ମନୋଜ ବଦାଲେଙ୍କ ପାଖରେ ରହିଛି।

## ଅର୍ଜୁନ-ସାନିୟାଙ୍କ ବିବାହର ପ୍ରସ୍ତୁତି ଆରମ୍ଭ

ମୁମ୍ବାଇ,୨୬।୨ : ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଖୁବଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । ଅର୍ଜୁନଙ୍କ ପ୍ରି-ୱେଡିଂ ଆରମ୍ଭ ହୋଇସାରିଛି ଏବଂ ପରିବାରରେ ଉତ୍ସବର ମାହୋଲ ଅଛି । ତାଙ୍କ ବିବାହ ସାନିୟା ଚାନ୍ଦୋକଙ୍କ ସହ ୫ମାର୍ଚ୍ଚ ୨୦୨୬ରେ ହେବାରେ ଅଛି ।ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ଅର୍ଜୁନ ଏବଂ ସାନିୟାଙ୍କ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ସେୟାର କରିଥିଲେ । ଯେଉଁଥିରେ ଉଭୟ ସାଥିରେ ନଜର ଆସୁଛନ୍ତି । ଭିଡ଼ିଓରେ ସଚିନ ତେନ୍ଦୁଲକର ନିଜ ପୁଅ ଲାଗି ଭାବ ବିହ୍ୱଳ ବାର୍ତ୍ତା ବି ଦେଇଛନ୍ତି । ସେ କହିଛନ୍ତି କି ଯେତେବେଳେ ପୁଅ ଘରକୁ କୌଣସି ଜଣେ ଯୁବତୀଙ୍କୁ ଭେଟାଇବାକୁ ଆଣୁଛନ୍ତି ତ ବୁଝିଯିବା ଆବଶ୍ୟକ କି ସେ ଏବେ ବଡ଼ ହୋଇଯାଇଛି । ସଚିନ ଏହା ବି କହିଛନ୍ତି କି ସେମାନେ ଜଣେ ଅନ୍ୟ ଜଣଙ୍କୁ ବହୁତ ଭଲ ପାଉଛନ୍ତି । ଅର୍ଜୁନଙ୍କ ଉପରେ ଗର୍ବ ଲାଗୁଛି କି ସେ ନିଜ ଲାଗି ଏକ ଖାସ୍ ସାଥୀ ବାଛିଛନ୍ତି । ଅର୍ଜୁନ ଏବଂ ସାନିୟାଙ୍କ ନିର୍ବନ୍ଧ ଅଗଷ୍ଟ ୨୦୨୫ରେ ହୋଇଥିଲା । ସାନିୟା ଚାନ୍ଦୋକ ଏକ ସଫଳ ଉଦ୍ୟମୀ ରହିଥିବାବେଳେ ଏବଂ ସେ ମୁମ୍ବାଇର ବ୍ୟବସାୟୀ ପରିବାରରୁ ଅଟନ୍ତି। କୁହାଯାଉଛି କି ବହୁ ସମୟରୁ ସେ ତେନ୍ଦୁଲକର ପରିବାରଙ୍କ ସହ ନିକଟତର ଅଛନ୍ତି ।



## ସହଜ ନୁହେଁ ପାକିସ୍ତାନର ସେମି ରାସ୍ତା

ନୂଆଦିଲ୍ଲୀ,୨୬।୨: ଚଳିତ ଟି-୨୦ ବିଶ୍ୱକପର ସେମି ଫାଇନାଲ ରେସରୁ ପ୍ରଥମ ଦଳ ଭାବେ କୋ-ହୋଷ୍ଟ ଶ୍ରୀଲଙ୍କା ବାଦ ପଡିଛି। ନ୍ୟୁଜିଲ୍ୟାଣ୍ଡ ଠାରୁ ଦଳ ୬୧ ରନରେ ହାରିବା ପରେ ବିଶ୍ୱକପ ସ୍ୱପ୍ନ ଚୂରମାର ହୋଇଯାଇଛି। ଶ୍ରୀଲଙ୍କା ହାରିବା ପରେ ପାକିସ୍ତାନର ସେମି ଫାଇନାଲ ଭାଗ୍ୟ ଏବେ ସୁତା ଖିଅରେ ଝୁଲିବା ଆରମ୍ଭ କରିଛି। ପାକିସ୍ତାନ ଏଯାଏ ସୁପର ୮ରେ ଗୋଟିଏ ମ୍ୟାଚ୍ ହାରିଥିବା ବେଳେ ଗୋଟିଏ ବର୍ଷା ଯୋଗୁ ବାତିଲ ହୋଇଛି। ତେଣୁ ପାକିସ୍ତାନ କେମିତି ସେମି ଫାଇନାଲକୁ ଯାଇ ପାରିବ, ଆସନ୍ତୁ ଜାଣିବା।

ଶ୍ରୀଲଙ୍କା ବିପକ୍ଷରେ ୬୧ ରନ ବିଜୟ ପରେ ନ୍ୟୁଜିଲ୍ୟାଣ୍ଡର ନେଟ ରନ ରେଟ +୩.୦୫୦ ହୋଇଯାଇଛି। ଗ୍ରୁପ ୨ରୁ ନ୍ୟୁଜିଲ୍ୟାଣ୍ଡ ଏହି ରନ ରେଟ ଆଧାରରେ ସେମି ଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଗ୍ରୁପ ୨ରୁ ଇଂଲଣ୍ଡ ସେମି ଫାଇନାଲକୁ ଯାଇ ସାରିଥିବା ବେଳେ ଏବେ ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରୁ ଗୋଟିଏ ଦଳ ଆଗକୁ ଯିବ।

ପଏଣ୍ଟ ତାଲିକାରେ ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟରେ ଓ ପାକିସ୍ତାନ ତୃତୀୟରେ ରହିଛି। ପାକିସ୍ତାନ ନିଜର ଶେଷ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ସେମି ଫାଇନାଲ ରେସରେ ରହିବାକୁ ହେଲେ ପାକିସ୍ତାନକୁ ଶେଷ ମ୍ୟାଚ୍ ଯେମିତି ହେଲେ ଜିତିବାକୁ ପଡିବ। ଜିତିଲେ ମଧ୍ୟ ପାକିସ୍ତାନ ଶତ ପ୍ରତିଶତ ସେମି ଟିକେଟ ପାଇବାର ଗ୍ୟାରେଣ୍ଟୀ ନାହିଁ।ପାକିସ୍ତାନ ଏବେ ବିଯୁକ୍ତ ୦.୪୬୧ ରନ ରେଟ ସହ ତୃତୀୟ ସ୍ଥାନରେ ଅଛି। ତେଣୁ ଏହାକୁ ସୁଧାରିବା ପାଇଁ ପାକିସ୍ତାନକୁ ୭୦ରୁ ଅଧିକ ରନ ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇବାକୁ ହେବ। ଏଥିସହ ପାକିସ୍ତାନ ଚାହିଁବ ଯେ ନ୍ୟୁଜିଲ୍ୟାଣ୍ଡ ନିଜର ଶେଷ ମ୍ୟାଚ୍ ଇଂଲଣ୍ଡ ଠାରୁ ହାରି ଯାଉ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଇଂଲଣ୍ଡର ବିଜୟ ବ୍ୟବଧାନ ହିଁ ପାକିସ୍ତାନର ସେମି ଭାଗ୍ୟ ନିର୍ଦ୍ଧାରଣ କରିବ।

ଯଦି ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯିବ, ତା’ହେଲେ ପାକିସ୍ତାନ ସ୍ୱପ୍ନ ମଧ୍ୟ ଧୂଳି ସାତ ହେବ। ନ୍ୟୁଜିଲ୍ୟାଣ୍ଡ ଗ୍ରୁପ ୨ରୁ ସେମି ଫାଇନାଲ ଯିବ। ଯଦି ଇଂଲଣ୍ଡ ୨୦ ରନରେ ନ୍ୟୁଜିଲ୍ୟାଣ୍ଡକୁ ହରାଇବ, ତା’ହେଲେ ସେମି ଫାଇନାଲ ଯୋଗ୍ୟତା ଅର୍ଜନ ପାଇଁ ପାକିସ୍ତାନକୁ ୫୦ ରନରେ ଶ୍ରୀଲଙ୍କାକୁ ହରାଇବାକୁ ପଡିବ। ଏହା କଷ୍ଟକର କିନ୍ତୁ ଅସମ୍ଭବ ନୁହେଁ।

ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ଯଦି ୨୦୦ ରନ କରୁଛି, ତା’ହେଲେ ପାକିସ୍ତାନକୁ ୧୫ରୁ କମ ଓଭରରେ ଏହାକୁ ଚେଜ କରିବାକୁ ପଡି। ଯଦି ଶ୍ରୀଲଙ୍କା ୧୫୦ ପାଖାପାଖି ରହୁଛି, ତା’ହେଲେ ପାକିସ୍ତାନକୁ ୧୪ରୁ କମ ଓଭରରେ ବିଜୟ ଲକ୍ଷ୍ୟ ପୂରଣ କରିବାକୁ ହେବ। ଏସବୁ ଭିତରେ ପାକିସ୍ତାନ ପାଇଁ ଗୋଟିଏ ଭଲ ଖବର ରହିଛି। ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ୨୭ ତାରିଖରେ ମ୍ୟାଚ୍ ଖେଳିବେ। ପାକିସ୍ତାନ ଶେଷ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ୨୮ ତାରିଖରେ ଖେଳିବ।

ଯଦି ଇଂଲଣ୍ଡ ଶୁକ୍ରବାର ନ୍ୟୁଜିଲ୍ୟାଣ୍ଡକୁ ହରାଇ ଦେଉଛି, ତା’ହେଲେ ପାକିସ୍ତାନ ପାଖରେ ପରବର୍ତ୍ତୀ ମ୍ୟାଚ୍ କେତେ ଓଭର କିମ୍ବା କେତେ ରନରେ ଶ୍ରୀଲଙ୍କାକୁ ହରାଇଲେ ସେମି ଟିକେଟ ମିଳିବ, ତା’ର ତଥ୍ୟ ପହଞ୍ଚିଯିବ।ଏହାକୁ ନଜରରେ ରଖି ପାକିସ୍ତାନ ନିଜର ରଣନୀତି ମଧ୍ୟ ପ୍ରସ୍ତୁତ କରିପାରିବ। ଯଦି ନ୍ୟୁଜିଲ୍ୟାଣ୍ଡ ଶୁକ୍ରବାର ଇଂଲଣ୍ଡକୁ ହରାଇ ଦେଉଛି, ତା’ହେଲେ ପାକିସ୍ତାନ ମଧ୍ୟ ଶ୍ରୀଲଙ୍କା ଭଳି ସୁପର ୮ରୁ ବିଦାୟ ନେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ